# 36

# ଗୃହ ନିର୍ମାଣ ସାମଗ୍ରୀ

ଏହି ମଡ୍ୟୁଲର ପ୍ରଥମ ଚାରୋଟି ଅଧ୍ୟାୟରେ ତୁମେ ଶୈଳରାସାୟନିକ (Petrochemical) ଓ ପେଟ୍ରୋଲିୟମ ଫିଡ୍‌ଷ୍ଟକ୍‌ରୁ ସଂଶ୍ଳେଷିତ ଜୈବ ରାସାୟନିକ ମାନଙ୍କ ବିଷୟରେ ଶିକ୍ଷାଲାଭ କରିଛ । ଏହି ଅଧ୍ୟାୟରେ ତୁମେ ଶିଳ୍ପଜାତ ପଦାର୍ଥ ମାନଙ୍କ ବିଷୟରେ ପଢିବ, ଯେଉଁ ଗୁଡିକ ମୂଖ୍ୟତଃ ଅଜୈବିକ ପ୍ରକୃତିର ଓ ଗୃହ ନିର୍ମାଣ ସାମଗ୍ରୀ ।

ପ୍ରତ୍ୟେକ ଜୀବ ବସବାସ କରିବା ପାଇଁ ଏକ ସୁରକ୍ଷିତ ସ୍ଥାନ ଚାହେଁ । ଏହା ଗୁମ୍ଫା, ଗର୍ତ୍ତ ଓ ବସା ଇତ୍ୟାଦି ହୋଇପାରେ । ଆଦିମାନବ ନିଜକୁ ବଣ ଜନ୍ତୁ ଓ ପ୍ରାକୃତିକ ବିପଦରୁ ରକ୍ଷା ପାଇବା ପାଇଁ ଗୁମ୍ଫାରେ ଆଶ୍ରୟ ନେଉଥିଲା । ସେହିଦିନ ଠାରୁ ବିଭିନ୍ନ ପ୍ରାକୃତିକ ସଂପଦ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ସମୁପଯୋଜନ (Exploitation) ହୋଇଆସୁଅଛି । ଏହା ସହିତ ଆରାମରେ ଜୀବନ ଯାପନ ପାଇଁ ସଂଶ୍ଳେଷିତ ପଦାର୍ଥର ମଧ ବ୍ୟବହାର କରାଯାଉଛି । ଆଜିକାଲି ଅନେକ ପ୍ରକାର ସାମଗ୍ରୀ ଯଥା ସିମେଣ୍ଟ, ଷ୍ଟିଲ, କାଚ, ସେରାମିକ୍‌ସ, ପଥର, କାଠଗଣ୍ଡି, ପ୍ରଲେପ ଓ ବାର୍ନିସ ଆଦି ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଶକ୍ତ, ସ୍ଥାୟୀ ଓ ନିରାପଦ ଅଟ୍ଟାଳିକା ନିର୍ମାଣ ପାଇଁ ବ୍ୟବହାର କରାଯାଉଛି । ଏହି ସବୁ ପଦାର୍ଥର ବିକାଶ, ସେମାନଙ୍କର ପ୍ରତିକ୍ରିୟା ପଦ୍ଧତି ଓ ନୂଆ ନୂଆ ବ୍ୟବହାର ପାଇଁ, ରସାୟନ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଏହି ଅଧ୍ୟାୟରେ ତୁମେ କିଛି ଗୃହ ନିର୍ମାଣ ସାମଗ୍ରୀର ସଂଗଠନ, ପ୍ରସ୍ତୁତି ଓ ପ୍ରୟୋଗ ବିଷୟରେ ଶିକ୍ଷାଲାଭ କରିବ ।

## ଉଦ୍ଦେଶ୍ୟ :-

ଏହି ଅଧ୍ୟାୟଟି ପାଠ କରିବା ପରେ ତୁମେ :-

- ସିମେଣ୍ଟର ସଂଜ୍ଞା ନିରୂପଣ କରିପାରିବ ;
- ପୋର୍ଟଲ୍ୟାଣ୍ଡ ସିମେଣ୍ଟର ଉତ୍ପାଦନ ପାଇଁ ବ୍ୟବହୃତ କଞ୍ଚାମାଲର ତାଲିକା ପ୍ରସ୍ତୁତ କରିପାରିବ ;
- ସିମେଣ୍ଟ ଆବଦ୍ଧ କରିବା ପ୍ରଣାଳୀ ଆଲୋଚନା କରିପାରିବ ;
- ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ସିମେଣ୍ଟ ଓ ସେମାନଙ୍କର ପ୍ରୟୋଗ ଆଲୋଚନା କରିପାରିବ ;
- ମସଲା, କଂକ୍ରିଟ ଓ ପ୍ରବଳିକ ସିମେଣ୍ଟ କଂକ୍ରିଟକୁ (RCC) ବର୍ଣ୍ଣନା କରପାରିବ ଓ ସେମାନଙ୍କ ମଧରେ ଥିବା ପ୍ରଭେଦ ଦର୍ଶାଇପାରିବ ;
- କାଚର ସଂଜ୍ଞା ନିରୂପଣ କରିପାରିବ ;
- କାଚର ତିଆରି ପାଇଁ ବ୍ୟବହୃତ କଞ୍ଚାମାଲର ଚିଠା ପ୍ରସ୍ତୁତ କରିପାରିବ ଓ ସେମାନଙ୍କର ମହତ୍ୱ ଦର୍ଶାଇପାରିବ ;
- କାଚ ତିଆରି ପଦ୍ଧତି ବର୍ଣ୍ଣନା କରିପାରିବ ;
- କାଚର ଗୁଣଧର୍ମ ଆଲୋଚନା କରିପାରିବ ;
- ବିଭିନ୍ନ ପ୍ରକାର କାଚ ଓ ଏହାର ଉପଯୋଗ ବର୍ଣ୍ଣନା କରିପାରିବ ;
- 'ସେରାମିକ୍' ର ସଂଜ୍ଞା ନିରୂପଣ କରିପାରିବ ;
- ମାଟିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ପଦାର୍ଥର ଚିଠା ପ୍ରସ୍ତୁତ କରିପାରିବ ଓ
- ମାଟିରୁ ପ୍ରସ୍ତୁତ ପଦାର୍ଥ ବର୍ଣ୍ଣନା କରିପାରିବ ଓ ସେମାନଙ୍କ ମଧରେ ଥିବା ପ୍ରଭେଦ ଦର୍ଶାଇପାରିବ ।



ଟିପ୍ପଣୀ

## 36.1. ସିମେଣ୍ଟ

ସିମେଣ୍ଟ ଶବ୍ଦର ଅର୍ଥ "ଏକତ୍ର ସଂଲଗ୍ନ କରିବା ବା ବାନ୍ଧି ରଖିବା" । ସିମେଣ୍ଟ ଏକ ଅଜୈବିକ ପଦାର୍ଥ । ଏହା ଯେତେବେଳେ ପାଣି ସହ ମିଶେ ଧୀରେ ଧୀରେ ଆବଦ୍ଧ ହୋଇ କଠିନ ପିଣ୍ଡରେ ପରିଣତ ହୁଏ । ଏହା ଇଟା, ପଥର ଇତ୍ୟାଦିକୁ ଯୋଡି ନାନା ପ୍ରକାର ଅଟ୍ଟାଳିକା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୁଏ । ସିମେଣ୍ଟ ଅତି ପୁରାତନ କାଳରୁ ବ୍ୟବହୃତ ହୋଇଆସୁଛି । ଇଜିପ୍ଟ (ମିଶର)ର ପିରାମିଡ୍ ଓ ଅନେକ ପ୍ରାଚୀନ ଗ୍ରୀକ୍‌ର ସୌଧ ସିମେଣ୍ଟ ପରି ପଦାର୍ଥରେ ନିର୍ମାଣ କରାଯାଇଥିଲା ।

ସିମେଣ୍ଟ ବିଭିନ୍ନ ପ୍ରକାରର ଅଟେ । ଯଥା - ପ୍ରାକୃତିକ ସିମେଣ୍ଟ, ପୁଜୋଲାନା ସିମେଣ୍ଟ, ସ୍ଲାଗ ସିମେଣ୍ଟ ଓ ପୋର୍ଟଲ୍ୟାଣ୍ଡ ସିମେଣ୍ଟ । ଏମାନଙ୍କର ସଂଗଠନ, ପ୍ରସ୍ତୁତି ପ୍ରଣାଳୀ ଓ ପ୍ରୟୋଗ ଦ୍ୱାରା ଏମାନେ ପୃଥକ୍ ହୋଇଥାଆନ୍ତି । ଆମେ ପୋର୍ଟଲ୍ୟାଣ୍ଡ ସିମେଣ୍ଟ ବିଷୟରେ ଆଲୋଚନା କରିବା, ଯାହାକି ବର୍ତ୍ତମାନ ନିର୍ମାଣ କାର୍ଯ୍ୟରେ ବହୁଳ ଭାବରେ ବ୍ୟବହାର କରାଯାଉଛି । ଦକ୍ଷୀଣ ଭାରତୀୟ ଶିଳ୍ପ ଉଦ୍ୟୋଗଦ୍ୱାରା ପ୍ରାୟ ଏକଶହ ବର୍ଷ ପୂର୍ବେ (1904) ଭାରତରେ ପୋଟଲ୍ୟାଣ୍ଡ ସିମେଣ୍ଟର ଉତ୍ପାଦନ ଆରମ୍ଭ ହୋଇଥିଲା । ଆଜି ଭାରତୀୟ ସିମେଣ୍ଟ ଶିଳ୍ପ ପ୍ରତିବର୍ଷ 100 ମିଲିୟନ ଟନ ସିମେଣ୍ଟ ଉତ୍ପାଦନ କରୁଛି ।

### 36.1.1. ପୋଟଲାଣ୍ଡ ସିମେଣ୍ଟର ଉତ୍ପାଦନ :-

ମୃଣ୍ମୟ ଚୂନପଥର (ଯେଉଁ ଚୂନ ପଥରରେ 20-40% ଚିନାମାଟି ଥାଏ)କୁ ଭସ୍ମୀକରଣ କରି 1824 ରେ ପୋର୍ଟଲ୍ୟାଣ୍ଡ ସିମେଣ୍ଟ ଉଦ୍‌ଭାବନ ହୋଇଥିଲା । ଏଥିରୁ ପ୍ରସ୍ତୁତ କଂକ୍ରିଟର (ସିମେଣ୍ଟ, ଗୋଡି ଓ ବାଲିର ମିଶ୍ରଣ) ଇଂଲଣ୍ଡର ଆଇସିଲ୍ ଅଫ ପୋର୍ଟଲ୍ୟାଣ୍ଡର ଅଟ୍ଟାଳିକାର ପଥର ସହ ସାମଞ୍ଜସ୍ୟ ଥିବାରୁ ଏହାକୁ ପୋର୍ଟଲାଣ୍ଡ ସିମେଣ୍ଟ କୁହାଯାଏ । ଆଜିକାଲି ବିଭିନ୍ନ ସଂଘଟନ ଥିବା ପୋର୍ଟଲାଣ୍ଡ ସିମେଣ୍ଟ ନାନା ପ୍ରକାରର ପ୍ରୟୋଗ ପାଇଁ ମିଳୁଛି ।

**(a) କଞ୍ଚାମାଲ :** ବହୁତ ଗୁଡିଏ କଞ୍ଚାମାଲ ପୋର୍ଟଲାଣ୍ଡ ସିମେଣ୍ଟ ଉତ୍ପାଦନ ପାଇଁ ଦରକାର । ଏହାକୁ ମୋଟ ଉପରେ ଦୁଇଟି ବିଭାଗରେ ବିଭକ୍ତ କରାଯାଇପାରେ ।

(i) କେଲସିମୀୟ (ଅଧିକ କାଲସିୟମ ଯୁକ୍ତ) ପଦାର୍ଥ **:** ଚୂନପଥର ($CaCO_3$), ଚକ୍ ଆଦି ସିମେଣ୍ଟର ମୁଖ୍ୟ ମୌଳିକ ଓ ଏହା ଉଚିତ ମାତ୍ରାରେ ବ୍ୟବହାର ହେବା ଉଚିତ । ଅଧିକା ବା କମ୍ ମାତ୍ରା ଚୂନ ସିମେଣ୍ଟର ଶକ୍ତିକୁ କମ୍ କରେ ।

(ii) ମୃଣ୍ମୟ ପଦାର୍ଥ **:** ଏଥିରେ ସିଲିକା ଓ ଆଲୁମିନା ଅଧିକ ଥାଏ । ଉଦାହରଣ ସ୍ୱରୂପ ଚିନାମାଟି ($Al_2O_3$ ଓ $S_iO_2$ ର ମିଶ୍ରଣ), ଶାମୁକା,ସେଟ୍ ବା ଆଗ୍ନେୟଗିରୀ ଲାଭା ଇତ୍ୟାଦି । ଏମାନେ ସିମେଣ୍ଟକୁ ବଳ ପ୍ରଦାନ କରନ୍ତି ଓ ସିମେଣ୍ଟର ଆବଦ୍ଧ ହେବା ଧର୍ମକୁ ପ୍ରଭାବିତ କରନ୍ତି ।

ଏହା ସହିତ, କୋଇଲା ଗୁଣ୍ଡ, ଇନ୍ଧନ ତୈଳ ଓ ଜିପ୍‌ସମ୍ ($CaSO_4$, $2H_2O$) ମଧ ସିମେଣ୍ଟ ଉତ୍ପାଦନରେ ବ୍ୟବହୃତ ହୁଅନ୍ତି । ଜିପ୍‌ସମ ମିଶାଇବା ଦ୍ୱାରା ଏହା ସିମେଣ୍ଟର ଶକ୍ତିବଢ଼ାଏ ଓ ଆବଦ୍ଧ ସମୟକୁ ନିୟନ୍ତ୍ରଣ କରେ । ଜିପ୍‌ସମର ମାତ୍ରା ସତର୍କତା ପୂର୍ବକ ନିୟନ୍ତ୍ରଣ କରିବା ଉଚିତ୍, କାରଣ ଆବଶ୍ୟକତା ଠାରୁ ସିମେଣ୍ଟରେ ଅଧିକ ଜିପ୍‌ସମ ରହିଲେ ଏହା ଫାଟ ସୃଷ୍ଟିକରେ ।

**(b) ଉତ୍ପାଦନ ପ୍ରଣାଳୀ :** ସିମେଣ୍ଟ ଉତ୍ପାଦନ ପାଇଁ କଞ୍ଚାମାଲ ଗୁଡିକୁ ଉପଯୁକ୍ତ ମାତ୍ରାରେ ମିଶାଇ ପାଉଡର ପରି ଚୂର୍ଣ୍ଣ କରାଯାଏ ଓ ତାପରେ ଭସ୍ମୀକରଣ (ଜଳାଯାଏ) କରାଯାଏ । ଉତ୍ପାଦନ ପ୍ରକ୍ରିୟା ଦୁଇ ପ୍ରକାର - ଆର୍ଦ୍ର ଓ ଶୁଷ୍କ ପ୍ରଣାଳୀ । ଏହା ଆର୍ଦ୍ର ବା ଶୁଷ୍କ ଅବସ୍ଥାରେ କଞ୍ଚାମାଲର ମିଶ୍ରଣ ଓ ଚୂର୍ଣ୍ଣୀକରଣ ଉପରେ ନିର୍ଭର କରେ ।

**(i) ଆର୍ଦ୍ର ପ୍ରଣାଳୀ :** ଏହି ପ୍ରଣାଳୀରେ କଞ୍ଚାମାଲକୁ ପ୍ରଥମେ ପାଣି ସହ ମିଶାଯାଏ (ହାରାହାରି 35-40% ବସ୍ତୁଦ୍ରବ) ଓ ତାପରେ ବଲ୍‌ମିଲ୍‌ରେ ଗୁଣ୍ଡ କରାଯାଏ । ଏହି କଞ୍ଚାମାଲକୁ ପୃଥକ୍ ଭାବରେ ବା ମିଶ୍ରଣ ଆକାରରେ ପ୍ରତିକ୍ରିୟା କରାଯାଏ । ଏଥିରେ ଯେଉଁ ପ୍ରକାର ପଦାର୍ଥ ମିଳେ ତାହାକୁ ଛଣାଯାଏ ଓ ଦରକାର ପଡିଲେ ପୁଣି ଗୁଣ୍ଡ କରାଯାଏ । ତାହାପରେ ଏହାକୁ ଘୂର୍ଣ୍ଣାୟମାନ ଭାଟି ମଧକୁ ଭସ୍ମୀକରଣ ପାଇଁ ପଠାଯାଏ ।



ଟିପ୍ପଣୀ




(ଚିତ୍ର 36.1)

ଏହି ଭାଟିରେ ଖୁବ୍ କମ୍ ଭାବରେ ଢାଲୁ ହୋଇଥିବା ଲମ୍ବା ପାଇପ୍ ଥାଏ, ଯାହା ନିଜ ଅକ୍ଷ ଚାରିପଟେ ଘୂରେ । ପାଇପର ଉପରି ଭାଗରେ ଥିବା ଏକ ହପର ଦ୍ଵାରା ମିଶ୍ରଣର ପେଷ୍ଟ ଲମ୍ବାପାଇପ ମଧ୍ୟକୁ ଢଳାଯାଏ । ଏହା ଯେତେବେଳେ ତଳକୁ ଗତିକରେ ଉପରକୁ ଉଠୁଥିବା ଉତ୍ତପ୍ତ ଗ୍ୟାସକୁ ଭେଟେ । ଭାଟିର ଅତ୍ୟଧିକ ତାପ ମାତ୍ରାରେ, କଞ୍ଚାମାଲର ନାନା ପ୍ରକାର ରାସାୟନିକ ପ୍ରକ୍ରିୟାହୋଇ ବହୁତ ଗୁଡିଏ ନୂଆ ଯୌଗିକ ପ୍ରସ୍ତୁତ ହୁଏ । ମିଶ୍ରଣ ଭାଟିରୁ ଛୋଟ ସବୁଜକଳା ବା ମାଟିଆ ରଙ୍ଗର କଠିନ ଗୁଳି ବାହାରି ଯାଏ । ଏହାକୁ କ୍ଲିଙ୍କର (Clinker) କୁହାଯାଏ । ଏହାପରେ କ୍ଲିଙ୍କରକୁ ଥଣ୍ଡା କରିବା ପାଇଁ କୁଲର ନାମକ ଦ୍ଵିତୀୟ ପାଇପକୁ ଢଳାଯାଏ ଓ ଏଗୁଡିକୁ ଥଣ୍ଡା ହେବାକୁ ଦିଆଯାଏ ଓ ତା ପରେ ଗୁଣ୍ଡ କରାଯାଏ । ଏହି ଗୁଣ୍ଡରେ କିଛି ମାତ୍ରାର (2-3%) ଜିପ୍‌ସମ ମିଶାଯାଏ ଓ ସିମେଣ୍ଟ ପାଇବା ପାଇଁ ଏହାକୁ ଗୁଣ୍ଡ କରାଯାଏ ।

**(ii)ଶୁଷ୍କ ପ୍ରଣାଳୀ:** ଏହି ପ୍ରଣାଳୀରେ କଞ୍ଚାମାଲକୁ ମିଶାଇ ବଲ୍ ମିଲ୍‌ରେ ଗୁଣ୍ଡ କରାଯାଏ । ତାହାପରେ ଏହି ମିଶ୍ରଣକୁ ଘୂର୍ଣ୍ଣିୟମାନ ପାନିଅର (Panniers)ରେ ରଖାଯାଏ ଯାହାର କାନ୍ଥରେ ଜଳ ସ୍ପ୍ରେୟାର ଲଗାଯାଇଥାଏ । ଏହି ପାନିଅରର କେନ୍ଦ୍ରପସାରୀ ବଳ ଯୋଗୁ ଗୁଣ୍ଡର ମିଶ୍ରଣ କାନ୍ଥର ସଂସ୍ପର୍ଶରେ ଆସେ ଓ ଓଦାହୋଇ ଛୋଟ ଛୋଟ ଗୋଲକ ଆକାରରେ ପରିଣତ ହୁଏ । ତାପରେ ଏଗୁଡିକୁ ପୂର୍ବ ବର୍ଣ୍ଣନା ଅନୁସାରେ ଘୂର୍ଣ୍ଣିୟମାନ ଭାଟିକୁ ଉତ୍ତପ୍ତ କରିବା ପାଇଁ ପଠାଯାଏ ।

**(c) ସିମେଣ୍ଟର ସଂଘଟନ :** ପୋର୍ଟଲାଣ୍ଡ ସିମେଣ୍ଟରେ କାଲସିୟମ୍ ଆଲୁମିନିୟମ୍ ସିଲିକେଟ ଥାଏ । ଏଥିରେ ଏକରୁ ଅଧିକ ଯୌଗିକ ଥାଏ । ପୋର୍ଟଲାଣ୍ଡ ସିମେଣ୍ଟରେ ଥିବା ବିଭିନ୍ନ ଅଣୁର ଅକ୍‌ସାଇଡର ଆନୁମାନିକ ପ୍ରତିଶତ ସାରଣୀ 36.1 ରେ ଦିଆଯାଇଛି ।

ସାରଣୀ 36.1 ପୋର୍ଟଲ୍ୟାଣ୍ଡ ସିମେଣ୍ଟର ଆନୁମାନିକ ପ୍ରତିଶତ ସଂଘଟନ

| ଅକ୍‌ସାଇଡ୍ | ଆନୁମାନିକ ପ୍ରତିଶତ | ହାରାହାରି ପ୍ରତିଶତ |
|---|---|---|
| $CaO$ | 60 - 67 | 64 |
| $SiO_2$ | 17 - 25 | 22.5 |
| $Al_2O_3$ | 3 - 8 | 6.5 |
| $Fe_2O_3$ | 0.5 - 6.0 | 2.0 |
| $MgO$ | 0.1. - 4.0 | 2.0 |
| $SO_3$ | 1.0 - 3.0 | 1.5 |
| $K_2O$, $Na_2O$ | 0.4 - 1.3 | - |

ଟିପ୍ପଣୀ

ଉପରେ ଦିଆଯାଇଥିବା ପ୍ରଥମ ଚାରୋଟି ଅକ୍ସାଇଡ ମୌଳିକ ଯୌଗିକ ଓ ଅନ୍ୟାନ୍ୟ ଗୁଡିକ ଦ୍ୱିତୀୟକ ଯୌଗିକ । ଉପରେ ଲିଖିତ ଅକ୍ସାଇଡ୍ ଗୁଡିକ ଏହିପରି ରହନ୍ତି ନାହିଁ । CaO ଓ MgO ବାୟୁରୁ ଜଳୀୟ ବାଷ୍ପ ଓ ଅଙ୍ଗାର କାମ୍ଳ ($CO_2$) ଅବଶୋଷିତ କରି ହାଇଡ୍ରୋକ୍ସାଇଡ୍ ଓ କାର୍ବୋନେଟ୍ ତିଆରି କରନ୍ତି । ପୋର୍ଟଲାଣ୍ଡ ସିମେଣ୍ଟର ରସାୟନ ଭଲରୂପେ ଜଣାଅଛି । ଏଥିରେ ଅନେକ ଯୌଗିକ ଥାଏ ଯାହାକୁ "ବୋଗ୍‌ସ ଯୌଗିକ" (Bogue's compounds) କୁହାଯାଏ । ଏଗୁଡ଼ିକର ନାମକରଣ ଏପରି ହେବାର କାରଣ ସେଗୁଡ଼ିକୁ ଆର୍.ଏଚ୍‌ବୋଗ୍ ପ୍ରଥମେ ଚିହ୍ନଟ କରିଥିଲେ । ବୋଗ୍‌ସ ଯୌଗିକ, ସେମାନଙ୍କର ରାସାୟନିକ ସଂକେତ, ସଂକ୍ଷିପ୍ତ ସୂତ୍ର ଓ ପ୍ରତିଶତ ସାରଣୀ 36.2 ରେ ଦିଆଯାଇଛି ।

ସାରଣୀ 36.2 ପୋର୍ଟଲାଣ୍ଡ ସିମେଣ୍ଟରେ ବୋଗ୍‌ସ ଯୌଗିକ

| ଯୌଗିକର ନାମ | ରାସାୟନିକ ସୂତ୍ର | ସଂକ୍ଷିପ୍ତ ସୂତ୍ର | ଲାକ୍ଷଣିକ ପ୍ରତିଶତ |
|---|---|---|---|
| ଟ୍ରାଇକାଲସିୟମ ସିଲିକେଟ୍ | 3 CaO, $SiO_2$ | $C_3S$ | 54.1 |
| ଡାଇକାଲସିୟମ ସିଲିକେଟ୍ | 2 $CaOSiO_2$ | $C_2S$ | 16.6 |
| ଟ୍ରାଇକାଲସିୟମ ଆଲୁମିନେଟ୍ | 3 $CaOAl_2O_3$ | $C_3A$ | 10.8 |
| ଟ୍ରାଇକାଲସିୟମ ଆଲୁମିନୋ ଫେରୋଟ୍ | 4 $CaOAl_2O_3FeO_3$ | $C_4$ AF | 9.1 |

70 - 80% ସିମେଣ୍ଟ $C_2S$, ଓ $C_3S$ ଅଟେ । ସାରଣୀରେ ଦିଆଯାଇଥିବା ଚାରୋଟି ଯୌଗିକ ସହ, ପୋର୍ଟଲାଣ୍ଡ ସିମେଣ୍ଟରେ ଅନେକଗୁଡ଼ିଏ ଯୌଗିକ ଆବିଷ୍କାର କରାଯାଇଛି କିନ୍ତୁ ଏହି ଚାରୋଟି ଯୌଗିକ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ଅଟନ୍ତି । ସିମେଣ୍ଟର ବିଭିନ୍ନ ନମୁନାରେ ଏହି ଯୌଗିକ ଗୁଡ଼ିକର ମାତ୍ରା ଭିନ୍ନଅଟେ ଓ ଏମାନେ ସିମେଣ୍ଟର ଗୁଣଧର୍ମକୁ ନିର୍ଦ୍ଧାରଣ କରନ୍ତି ।

### 36.1.2 ସିମେଣ୍ଟ ଆବଦ୍ଧ ହେବା ଓ କଠିନ ହେବା :-

ଜଳର ସଂସ୍ପର୍ଶରେ ଆସିଲେ ସିମେଣ୍ଟ ଆବଦ୍ଧ ହୋଇ କଠିନ ହୋଇଯାଏ, ଏହି ଘଟଣାକୁ ସିମେଣ୍ଟର ଆବଦ୍ଧତା କୁହାଯାଏ । ସିମେଣ୍ଟ ଆବଦ୍ଧ ଓ କଠିନ ହେବା ପାଇଁ ବହୁତ ସମୟ ଲାଗେ । ସିମେଣ୍ଟର ଆବଦ୍ଧ ବିଷୟରେ ଅନେକ ଗୁଡ଼ିଏ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି ଏବଂ ସେଥିରୁ ଗୋଟିଏ ସାଧାରଣ ମତ ଏହାଯେ ଏଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ ଅଛି । ଏଗୁଡ଼ିକ ଜଳଯୋଜନ ଓ ଦାନାଧାରଣ (Crystallisation) । ପ୍ରଥମେ ସିମେଣ୍ଟରେ ଜଳ ମିଶାଇବାକୁ ଜଳଯୋଜନ କୁହାଯାଏ ଓ ଏହାପରେ ବିଭିନ୍ନ ଯୌଗିକର ଦାନା ଧାରଣ ହୁଏ ।

ସିମେଣ୍ଟ ଓ ଜଳର ମିଶ୍ରଣ "ସିମେଣ୍ଟ ପେଷ୍ଟ" ବା ଲେପ ତିଆରି କରେ । ଏହି ଲେପରେ, ସିମେଣ୍ଟର ଉପାଦାନ ଗୁଡ଼ିକ ଜଳଯୋଜିତ ହୋଇ ଜେଲି ଓ ଦାନାପରି ପଦାର୍ଥ ତିଆରି ହୁଅନ୍ତି । ଯେହେତୁ ଜଳରେ ଏହି ଉତ୍ପାଦ ଗୁଡ଼ିକର ଦ୍ରବ୍ୟତା ଗୁଣଫଳ କମ୍, ତେଣୁ ପେଷ୍ଟ ଶକ୍ତ ହୋଇଯାଏ । ସିମେଣ୍ଟର ଏହି ପ୍ରାରମ୍ଭିକ ଶକ୍ତିଶାଳୀ ହେବାକୁ **ସିମେଣ୍ଟର ଆବଦ୍ଧତା** କୁହାଯାଏ । ଏହି କ୍ରିୟା ପ୍ରାୟ 25 ଘଣ୍ଟାରେ ସମାପ୍ତ ହୁଏ । ତାପରେ ଏହି ପେଷ୍ଟ କଠିନ ହେବା ପାଇଁ ବହୁତ ସମୟ ଲାଗେ । ଏହି ପଦ୍ଧତିକୁ କଠିନ ହେବା ପ୍ରକ୍ରିୟା କୁହାଯାଏ ଓ ଏଥିରେ ପୁଣି ଜେଲ୍ ତିଆରି ହୁଏ ଓ ଜଳଯୋଜିତ ଉତ୍ପାଦର ଦାନାଧାରଣ ପ୍ରକ୍ରିୟା ହୁଏ । ଏହି କଠିନ ହେବା ପ୍ରକ୍ରିୟା ସମାପ୍ତ ହେବା ପାଇଁ ପ୍ରାୟ ଏକବର୍ଷ ଲାଗିଯାଏ, ପରନ୍ତୁ ଏହି ପ୍ରକ୍ରିୟା ଏକ ଦଶନ୍ଧି ଧରି ଚାଲିଥାଏ । ଦୁଇଟି ପ୍ରଣାଳୀ ଚିତ୍ର 36.2 ରେ ଦର୍ଶାଯାଇଛି ।




ଚିତ୍ର 36.2 - ସିମେଣ୍ଟର ଆବଦ୍ଧନ

ଟିପ୍ପଣୀ

ସାରଣୀ 36.2 ରେ ଦିଆଯାଇଥିବା ଯୌଗିକ ଗୁଡ଼ିକର ଭିନ୍ନପ୍ରକାର ଅଭିଲକ୍ଷଣ ଥାଏ, ଯଥା - ଜଳଯୋଜନ କ୍ରିୟାର ଗତି, ଆବଦ୍ଧ ହେବା ସମୟ ଓ ଶକ୍ତି । ଏଗୁଡ଼ିକ ବିଭିନ୍ନ ସମୟ ସିମାରେ ଆବଦ୍ଧିତ ହୁଅନ୍ତି ଓ ସିମେଣ୍ଟର ଶକ୍ତି ବୃଦ୍ଧିରେ ଦୀର୍ଘ ସମୟ ଧରି ସହାୟତା କରନ୍ତି । ରାସାୟନ ବିଜ୍ଞାନ ଅନୁସାରେ ଜଳ ସହ ପ୍ରଥମ ପ୍ରତିକ୍ରିୟା ନିମ୍ନରେ ଦିଆଯାଇଛି ।

$$C_3A + 6H_2O \rightarrow C_3A.6H_2O$$

ଏହି ପ୍ରତିକ୍ରିୟା ହେଲାବେଳେ ଉତ୍ତାପ ନିର୍ଗତ ହୁଏ । ଜଳସହିତ କିଛି ଘଣ୍ଟାର ସଂପର୍କ ପରେ ନିମ୍ନୋକ୍ତ ପ୍ରତିକ୍ରିୟା ଆରମ୍ଭ ହୁଏ ।

$$C_3S + H_2O \rightarrow C_2S + C.H_2O$$

ଏହି ପ୍ରକ୍ରିୟାକୁ ପ୍ରାରମ୍ଭିକ ସିମେଣ୍ଟ ଆବଦ୍ଧ ପ୍ରକ୍ରିୟା କୁହାଯାଏ । ଦ୍ୱିତୀୟ ଅବସ୍ଥାରେ, ଅର୍ଥାତ ସିମେଣ୍ଟ କଠିନ ହେବା ସମୟରେ ନିମ୍ନୋକ୍ତ ପ୍ରତିକ୍ରିୟା ହୋଇଥାଏ ।

$$C_3A . 6H_2O \rightarrow C.H_2O + 6H_2O \rightarrow C_4A. 13H_2O$$

$$C_2S + nH_2O \rightarrow C_2S.nH_2O$$

**36.1.3. ସ୍ୱତନ୍ତ୍ର ସିମେଣ୍ଟ :-**

ପୋର୍ଟଲାଣ୍ଡ ସିମେଣ୍ଟକୁ ମଧ ସାଧାରଣ ଆବଦ୍ଧ ହେବା ସିମେଣ୍ଟ ବା ସାଧାରଣ ସିମେଣ୍ଟ କୁହାଯାଏ । ଅନେକ ପ୍ରକାର ନିର୍ମାଣ କାର୍ଯ୍ୟରେ ଯଥା - କୋଠା ନିର୍ମାଣ, ସଡ଼କ, ପୋଲ ଓ ବନ୍ଧ ପ୍ରଭୃତିର ନିର୍ମାଣରେ ଏହା ବ୍ୟବହୃତ ହୁଏ । ପରନ୍ତୁ ସଂକ୍ଷାରକ ସ୍ଥିତିରେ ଏହାର ପ୍ରୟୋଗ ଅନୁପଯୋଗୀ ଅଟେ । ଏହି ପ୍ରକାର ପ୍ରୟୋଗ ପାଇଁ ସିମେଣ୍ଟରେ ଅଭିଲାକ୍ଷଣିକ ଗୁଣ ସ୍ୱତନ୍ତ୍ର ହେବା ଉଚିତ୍ । ଏହି ପ୍ରକାର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସ୍ୱତନ୍ତ୍ର ସିମେଣ୍ଟ ପ୍ରସ୍ତୁତ କରାଯାଇଛି । ସେମାନଙ୍କ ମଧରୁ କେତେକ ତଳେ ଦିଆଗଲା ।

**(a)** **ଉଚ୍ଚ ଆଲୁମିନା ସିମେଣ୍ଟ:** ଚୂନପଥର ଓ ବକ୍ସାଇଟ୍ (ଆଲୁମିନିୟମ୍‌ର ଏକ ଧାତୁପିଣ୍ଡ ଯେଉଁଥିରେ ଲୌହ ଅକ୍ସାଇଡ୍, ମ୍ୟାଗ୍ନେସିୟମ ସିଲିକେଟ ଇତ୍ୟାଦି ଅବାଞ୍ଛିତ ମଇଳା ପଦାର୍ଥ ଥାଏ) ର ମିଶ୍ରଣକୁ ଉଚ୍ଚ ତାପମାତ୍ରାରେ ସଂଗଳନ କଲେ, ଏହି ସିମେଣ୍ଟ ମିଳିଥାଏ । ଏହାର ଆବଦ୍ଧ ହେବା ଓ କଠିନ ହେବା ଗତି ଅଧିକ ଓ ଏହା 24 ଘଣ୍ଟାରେ ସଂପୂର୍ଣ୍ଣ ଶକ୍ତି ପାଇଥାଏ । ଏହାକୁ ମଧ ଶୀଘ୍ର ଆବଦ୍ଧ ହେଉଥିବା (quick setting) ସିମେଣ୍ଟ କୁହାଯାଏ । ଏହାର ଅତ୍ୟଧିକ ରସାୟନରୋଧୀ ଶକ୍ତି ଥିବାଯୋଗୁଁ ଏହା ସମୁଦ୍ରଜଳ ଓ ସଲ୍‌ଫେଟ ଯୁକ୍ତ ଜଳ ସହ ନିରାପଦ ଭାବରେ ବ୍ୟବହାର କରିହୁଏ ।

**(b)** **ଧଳା ପୋର୍ଟଲାଣ୍ଡ:** ଏହା ଏକ ମୂଲ୍ୟବାନ ପ୍ରକାରର ସାଧାରଣ ଭାବେ ଆବଦ୍ଧିତ ହେଉଥିବା ପୋର୍ଟଲାଣ୍ଡ ସିମେଣ୍ଟ, ଯେଉଁଥିରେ ଲୌହଯୌଗିକ ନଥାଏ । ଲୌହ ଯୌଗିକର ଅନୁପସ୍ଥିତି ଯୋଗୁ ସିମେଣ୍ଟ ଧଳା ହୋଇଥାଏ । ଧଳା ସିମେଣ୍ଟ ମହଙ୍ଗା ଅଟେ କାରଣ ଏହାର ଉତ୍ପାଦନ ପାଇଁ ଅଧିକ ପରିଷ୍କୃତ କଞ୍ଚାମାଲ ଯଥା ଚୂନପଥର ଓ ଚିନାମାଟି ଦରକାର ପଡ଼ିଥାଏ । ଟାଇଲ ଉତ୍ପାଦନ ଓ ଶଙ୍ଖମଲମଲ ପଥର ନିର୍ମିତ ସୌଧର ମରାମତି ପାଇଁ ଏହା ବ୍ୟବହୃତ ହୁଏ । ଧଳା ପୋଟଲାଣ୍ଡ ସିମେଣ୍ଟର ଅନ୍ୟ ଏକ ସୁବିଧା ଏହାଯେ ଏହାସହ ଭିନ୍ନ ଭିନ୍ନ ବର୍ଣ୍ଣକ ମିଶାଇ ଏହାର ସୌନ୍ଦର୍ଯ୍ୟାତ୍ମକ ପ୍ରୟୋଗ କରାଯାଏ । କ୍ରୋମିୟମ ଅକ୍ସାଇଡ୍ ଏହାକୁ ସବୁଜ ରଙ୍ଗ କରାଏ ଓ କୋବାଲ୍ଟ ଅକ୍ସାଇଡ୍ ନୀଳ ରଙ୍ଗ କରାଏ ।

**(c)** **ସୋରେଲ ସିମେଣ୍ଟ (ମ୍ୟାଗ୍ନେସିୟମ ଅକ୍ସିକ୍ଲୋରାଇଡ୍ ସିମେଣ୍ଟ):** ଏହି ସିମେଣ୍ଟ ଫ୍ରାନସ୍ ରସାୟନବିତ୍ ସୋରେଲଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ସଂପୂର୍ଣ୍ଣଭାବେ ଚୂର୍ଣ୍ଣୀଭୂତ ଓ ଭସ୍ମୀକୃତ ମ୍ୟାଗ୍ନେସାଇଟ୍ ଓ କଷ୍ଟିକ ସୋଡ଼ା (NaOH)ର ମିଶ୍ରଣରେ 20% ମ୍ୟାଗନେସିୟମ



ଟିପ୍ପଣୀ

କ୍ଲୋରାଇଡ୍ ମିଶାଇଲେ ଏହି ସିମେଣ୍ଟ ମିଳିଥାଏ । ଏହା ମୂଖ୍ୟତଃ ଚଟାଣ ତିଆରିରେ ଓ ଦାନ୍ତର ଗର୍ତ୍ତ ପୁରଣ କରିବାର ବ୍ୟବହୃତ ହୁଏ ।

**(d) ଜଳରୋଧୀ ସିମେଣ୍ଟ:** ପୋର୍ଟଲାଣ୍ଡ ସିମେଣ୍ଟ ପାଇଁ କଞ୍ଚାମାଲକୁ ଗୁଣ୍ଡକରିବା ସମୟରେ ଏଥିରେ ଜଳରୋଧୀ ପଦାର୍ଥ ଯଥା କାଲସିୟମ୍ ଓ ଆଲୁମିନିୟମ୍ ଷ୍ଟିଅରେଟ୍ ମିଶାଇଲେ ଜଳରୋଧୀ ସିମେଣ୍ଟ ମିଳିଥାଏ । ବେଳେବେଳେ ଜଳ ବିକର୍ଷଣ ଗୁଣଧର୍ମ ଲାଭ କରିବା ପାଇଁ ସାବୁନ, ମହମ ଓ ବିଟୁମେନ ଆଦି ପଦାର୍ଥ ବ୍ୟବହାର କରାଯାଏ ।

### 36.1.4. ସିମେଣ୍ଟର ପ୍ରୟୋଗ :-

ସାଧାରଣତଃ ସିମେଣ୍ଟକୁ ଏକୁଟିଆ ବ୍ୟବହାର କରାଯାଏନାହିଁ । ଏଥିରେ କିଛି ପୂରକ ପଦାର୍ଥ ଯଥା ବାଲି, ପଥରଗୁଣ୍ଡ, ଗୋଡ଼ି ସ୍ଲାଗ ଆଦି ମିଶାଯାଇଥାଏ । ପୂରକର ପ୍ରକୃତି ଓ ସିମେଣ୍ଟର ସଂଘଟନ ଉପରେ ନିର୍ଭର କରି ମିଶ୍ରଣକୁ ତିନିପ୍ରକାରରେ ବିଭକ୍ତ କରାଯାଇଛି ।

(i) ମସଲା (Mortar)

(ii) କଂକ୍ରିଟ (Concrete)

(iv) ପ୍ରବଳିକ କଂକ୍ରିଟ୍ ସିମେଣ୍ଟ (R.C.C.)

**(i) ମସଲା (Mortar):** ସିମେଣ୍ଟ ଓ ବାଲିର ମିଶ୍ରଣରେ ପାଣି ମିଶାଇଲେ ଏହା ମିଳିଥାଏ । ମିଶାଯାଇଥିବା ପେଷ୍ଟକୁ ସିମେଣ୍ଟ ମସଲା କୁହାଯାଏ ।ଇଟା ଓ ପଥର ଯୋଡ଼ିବାରେ ଓ କାନ୍ଥ ପଲସ୍ତରା କରିବାରେ ଏହାକୁ ବ୍ୟବହାର କରାଯାଏ ।

**(ii) କଂକ୍ରିଟ:** ସିମେଣ୍ଟ ସହ ସରୁ ଓ ମୋଟା ନିଷ୍କ୍ରିୟ ଖଣିଜ ପଦାର୍ଥ ଯଥା ବାଲି, ପଥର, ଗୋଡ଼ି, ବଜୁରୀ, ଧାତୁମଳ ଇତ୍ୟାଦି ମିଶାଇଲେ କଂକ୍ରିଟ ମିଳିଥାଏ । କଂକ୍ରିଟକୁ ଯେ କୌଣସି ପ୍ରକାର ଆକୃତି ଦେଇହେବ । ସଡ଼କ, ଛାତ, କୋଠାର ଖମ୍ବ ତିଆରିରେ ଓ ନିଅଁ ପଡିବା କାମରେ ଏହା ବ୍ୟବହାର କରାଯାଏ ।

**(iii) ପ୍ରବଳିକ କଂକ୍ରିଟ ନିର୍ମାଣ:** ବେଳେବେଳେ ତିଆରି ହୋଇଥିବା ପୋଲକୁ ଅଧିକ ଭାର ବହନ କରିବାକୁ ପଡ଼େ । ଏହି ପ୍ରକାର ନିର୍ମାଣ ପାଇଁ କେବଳ କଂକ୍ରିଟ ଉପଯୁକ୍ତ ନୁହେଁ କାରଣ ଏହାର ଭାର ବହନ କ୍ଷମତା କମ୍ ଅଟେ । ଏହି କ୍ଷେତ୍ରରେ ନିର୍ମାଣକୁ ମଜଭୂତ କରିବା ପାଇଁ ଏଥିରେ ଲୁହା ବା ଇସ୍ପାତର ଦଣ୍ଡକୁ ଦିଆଯାଇଥାଏ, ଯାହା ଭାର ଉଠାଇବା ପାଇଁ ସକ୍ଷମ ହୁଏ । ଏହି ପ୍ରକାର ନିର୍ମାଣକୁ ପ୍ରବଳିକ କଂକ୍ରିଟ ନିର୍ମାଣ (R.C.C) କୁହାଯାଏ ଓ ଏହାକୁ ପୋଲ, ଖିଲାଣ, ଛାତ ଓ ଚଟାଣର ବିମ୍ ଇତ୍ୟାଦିରେ ବ୍ୟବହାର କରାଯାଏ ।

### ପାଠଗତ ପ୍ରଶ୍ନ 36.1

1. ପୋର୍ଟଲାଣ୍ଡ ସିମେଣ୍ଟ କ'ଣ ?

2. ପୋର୍ଟଲାଣ୍ଡ ସିମେଣ୍ଟର ମୂଖ୍ୟ କଞ୍ଚାମାଲ କ'ଣ ?

3. ସିମେଣ୍ଟ ଆବଦ୍ଧତା କହିଲେ କ'ଣ ବୁଝ ?

4. ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ସିମେଣ୍ଟର ତାଲିକା ଦିଅ ।

### 36.2. କାଚ :

ତୁମେ କାଚ ଓ ଏହାର ପ୍ରୟୋଗ ସହ ପରିଚିତ । କାଚକୁ "ଦୃଢ, ଦାନାହୀନ ସ୍ୱଚ୍ଛ ବା ଅସ୍ୱଚ୍ଛ ଅତିଶୀତଳ" ଦ୍ରବ୍ୟ ରୂପରେ ପରିଭାଷିତ କରାଯାଇଛି । ଏହାର ଅର୍ଥ କାଚ କଠିନ ନୁହେଁ କିନ୍ତୁ ଏକ ଦୃଢ଼ବସ୍ତୁ ଯାହାମଧଦେଇ ଆଲୋକ ଗତି କରିପାରେ । ପୁଣି ଏହା ଦାନାହୀନ କାରଣ ଏଥିରେ





ଦାନାଦାର କଠିନ ବସ୍ତୁରେ ଥିବା ଅଭିଲାକ୍ଷଣିକ ଯଥା ନିୟମିତ ତ୍ରିବମିୟ ଆଭ୍ୟନ୍ତରୀଣ ସଂରଚନା ନଥାଏ । ଏହାର ଶାନ୍ୟତା ବହୁତ ଅଧିକ ଓ ଏହା ସାଧରଣ ଭାବରେ ବହୁତ ସମୟ ଧରି ଆବଦ୍ଧ ହୁଏ ନାହିଁ ।

ବାଲି, କ୍ଷାର ଧାତୁର କାର୍ବୋନେଟ୍, ମୃତ୍‌କ୍ଷାର ଧାତୁର କାର୍ବୋନେଟ ଓ ଅନ୍ୟକିଛି ପଦାର୍ଥର ସଂଗଳନ ଯୋଗୁଁ କାଚ ମିଳିଥାଏ । କାଚ ପାଇଁ ଆମେ କିଛି ନିର୍ଦ୍ଦିଷ୍ଟ ରାସାୟନିକ ସଂକେତ ଦେଇପାରିବା ନାହିଁ । ପରନ୍ତୁ କାଚର ଆନୁମାନିକ ସଂକେତକୁ x $M_2^IO, yM^{II}O, 6SiO_2$ ଦ୍ୱାରା ନିରୂପିତ କରାଯାଏ, ଯେଉଁଠାରେ $M^I$ ସୋଡ଼ିୟଓ ଓ ପୋଟାସିୟମ ପରି କ୍ଷାର ଧାତୁକୁ $M^{II}$ = Ca,Pb ଆଦି ଦ୍ୱି ସଂଯୋଜୀ ଧାତୁ । କାଚ, କ୍ଷାର ଓ ମୃତ୍ତକ୍ଷାର ଧାତୁର ସିଲିକେଟ ଓ ଅତ୍ୟଧିକ ସିଲିକାର ମିଶ୍ରଣ । କେତେକ ପ୍ରକାର କାଚରେ କମ୍ ପରିମାଣର $Al_2O_3$, ଓ $Fe_2O_3$ ଇତ୍ୟାଦି ଥାଏ । କେତେକ ସାଧାରଣ ପ୍ରକାର କାଚ ସାରଣୀ 36.3 ରେ ନିଆଯାଇଛି ।

ସାରଣୀ 36.3 ଗ୍ଲାସର ପ୍ରକାରେ

| କାଚର ପ୍ରକାର | $M^I$ | $M^{II}$ | ଆନୁମାନିକ ସଂକେତ |
|---|---|---|---|
| ସୋଡ଼ା ଲାଇମ୍ କାଚ ବା ସୋଡ଼ାକାଚ | Na | Ca | $Na_2O$, CaO, $6SiO_2$ |
| ପୋଟାସଲେଡ୍ କାଚ | K | Pb | $K_2O$,PbO,$6SiO_2$ |

ଆଜିକାଲି କାଚର ନାନା ପ୍ରକାର ସଂକେତ ଅଛି । ସବୁ କାଚର ମୂଖ୍ୟ ଉପାଦାନ ସିଲିକା, ସୋଡ଼ା ଓ ଚୂନଅଟେ । କାଚର ଉତ୍ପାଦନ ପାଇଁ ବ୍ୟବହୃତ ନାନାପ୍ରକାର କଞ୍ଚାମାଲ ଓ ସେମାନଙ୍କର ଭୂମିକା ବିଷୟରେ ଶିକ୍ଷାଲାଭ କରିବା ।

**36.2.1. କାଚ ଉତ୍ପାଦନ :**

ଆଜିକାଲି ଅନେକ ପ୍ରକାର କାଚ ଜଣାଅଛି ଓ ଏଗୁଡ଼ିକ କଞ୍ଚାମାଲର ସଂଘଟନରେ ପରିବର୍ତ୍ତନ କରି ତିଆରି ହୁଏ । ମୌଳିକ କଞ୍ଚାମାଲ ଓ କାଚର ଗୁଣଧର୍ମ ନିର୍ଦ୍ଧାରଣରେ ସେମାନଙ୍କର ଭୂମିକା ସଂକ୍ଷେପରେ ତଳେ ଦିଆଯାଇଛି ।

**(a) କଞ୍ଚାମାଲ :**

**(i) ବାଲି :** ଏହା କାଚର ମୂଖ୍ୟ ଉପାଦାନ ଓ ଏହା ସିଲିକନ୍ ଡ଼ାଇଅକ୍‌ସାଇଡ ଅଟେ । କାଚର ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ବାଲି ଶୁଦ୍ଧ ସ୍ଫଟିକ ହେବା ଉଚିତ, ଯେଉଁଥିରେ 99% - 99.7% $SiO_2$ ଥିବା ଉଚିତ୍ । ବାଲି କଣିକା ଏକ ସମାନ ପ୍ରକାରର ଓ ମଧମ ଆକାରର ହେବା ଉଚିତ୍ । ବଡ଼ କଣିକା ଧିରେ ଧିରେ ପ୍ରତିକ୍ରିୟା କରେ ଓ ବହୁତ ଛୋଟକଣିକା ବହୁତ ତୀବ୍ର ଗତିରେ ପ୍ରତିକ୍ରିୟା କରେ ।

**(ii) କ୍ଷାରୀୟ ଧାତୁ ଯୌଗିକ ($Na_2CO_3$, $K_2CO_3$, $NaNO_3$, $KNO_3$, $Na_2SO_4$)** - ଏଥିରୁ $Na_2O$ (ସୋଡ଼ାକାଚରେ) $K_2O$ (କଠିନ କାଚରେ) ମିଳେ ।

**(iii) ମୃତ୍ତକ୍ଷାରଧାତୁ ଯୌଗିକ (CaO, $CaCO_3$ ଓ $BaCO_3$):** ଏହା ଡୋଲୋମାଇଟ୍ ($CaCO_3$, $MgCO_3$) ଓ ଚୁନାପଥରରୁ ମିଳିଥାଏ । MgO ମଧ ଡୋଲୋମାଇଟ୍‌ରୁ ମିଳିଥାଏ ଯାହା କାଚର ଭୌତିକ ଗୁଣଧର୍ମ ନିୟନ୍ତ୍ରଣ କରେ । ମୃତ୍ତକ୍ଷାର ଯୌଗିକ କାଚକୁ ଉଚ୍ଚ ଆବର୍ତ୍ତନାଙ୍କରେ ପହଞ୍ଚାଇପାରେ ।

**(iv) ଭାରୀଧାତୁ ଅକ୍‌ସାଇଡ୍** (ZnO, PbO, $Pb_3O_4$), ଲାଲସୀସା ($Pb_3O_4$) ଓ ଲିଥ୍ରେଜ (PbO) ସ୍ଫଟିକ କାଚ ବା ଫ୍ଲିଣ୍ଟକାଚରେ ବ୍ୟବହାର କରାଯାଏ । ଏହା କାଚର ଉଚ୍ଚ ଆବର୍ତ୍ତନାଙ୍କ ଓ ଚମକତା ପ୍ରଦାନ କରେ ।





(v) **ଫେଲ୍‌ଡସ୍ପାର :** ଏହା $Al_2O_3$ ର ଶସ୍ତା ଧାତୁପିଣ୍ଡ । ଫେଲ୍‌ଡସ୍ପାରର ସାଧାରଣ ସଂକେତ ସୂତ୍ର $M_2O$, $Al_2O_3$, $6SiO_2$ ଅଟେ । ଯେଉଁଠି $M^1$ = Na ବା K କୁ ନିରୂପିତ କରେ । ଫେଲ୍‌ଡସ୍ପାରର ଅନ୍ୟଲାଭ ଏହା ଯେକି ଏହା $Na_2O$, $K_2O$ ଓ ସିଲିକା ମଧ ଦିଏ । ଆଲୁମିନା ($Al_2O_3$) କାଚକୁ ଗରମ ଅବସ୍ଥାରେ ଅଚାନକ ବଦଳିବାକୁ ପ୍ରତିରୋଧ କରେ ।

(vi) ବୋରାକସ୍ : ଏହା ଏକ ସୂକ୍ଷ୍ମ ଘଟକ ଅଟେ । ଏହା ବୋରନ୍ ଅକ୍‌ସାଇଡ୍ ଓ $Na_2O$ ର ଧାତୁପିଣ୍ଡ ଅଟେ । ବୋକ୍‌ସ୍ କାଚର ଉଷ୍ମୀୟ ପ୍ରସାର ଗୁଣକୁ କମ୍ କରେ ଓ ଏହାର ସଂଗଳନତା, ରାସାୟନିକ ସ୍ଥାୟିତ୍ୱ ଓ ଶୁଦ୍ଧତାକୁ ବଢ଼ାଏ ।

(vii) କଲ୍‌ଟ : କଞ୍ଚାମାଲ ସହ ଫିଙ୍ଗା ଯାଇଥିବା କାଚ ଗୁଣ୍ଡକୁ ମିଶାଇ ସେଥିରୁ ଯେଉଁ କାଚ ତିଆରି ହୁଏ ତାହା କାଚର ସଂଗଳନତା ବଢାଏ । ଅନ୍ୟ ପ୍ରକାରେ କହିଲେ, ଏହା ସଂଗଳନର ତାପକୁ କମ କରେ ଯାହା ଫଳରେ କମ୍ ତାପମାତ୍ରାରେ କାଚ ଉତ୍ପାଦନ ହୋଇପାରେ । କଲ୍ଲଟ୍ କଞ୍ଚାମାଲର 10 - 80% ପ୍ରତିଶତ ଅଟେ । ତେଣୁ ଅବାଞ୍ଛିତ କାଚର ସଦୁପଯୋଗର ଏହା ଉତ୍ତମ ସାଧନ ଅଟେ ।

(viii) କଞ୍ଚାମାଲରେ କିଛି ଧାତୁର ଅକ୍‌ସାଇଡ୍ ମିଶାଇ କାଚକୁ ରଙ୍ଗୀନ କରାଯାଏ । କିଛି ମୁଖ୍ୟ ରଙ୍ଗ ପ୍ରଦାନକାରୀ ପଦାର୍ଥର ଚିଠା ସାରଣୀ 36.4 ରେ ଦିଆଯାଇଛି ।

ସାରଣୀ 36.4

| ରଂଗ ପ୍ରଦାନକାରୀ ପଦାର୍ଥ | ସଂକେତ | ମିଳୁଥିବା ରଙ୍ଗ |
|---|---|---|
| ଲୌହ ଅକ୍‌ସାଇଡ୍ | FeO, $Fe_2O_3$ | କମ୍‌ଲାଲ ବା ମେହେଁଦି ରଙ୍ଗ |
| କ୍ରୋମିଅମ୍ ଯୌଗିକ | $Cr_2O_3$, $K_2CrO_4$ | ଲାଲ - ହଳଦିଆ |
| କୋବାଲ୍‌ଟ ଅକ୍‌ସାଇଡ୍ | CoO | ନୀଳ |
| କାଡ୍‌ମିୟମ୍ ସଲ୍‌ଫେଟ୍ | $CdSO_4$ | ହଳଦିଆ |
| ସୁନା ଚୂର୍ଣ୍ଣ | କଲଏଡ୍ Au | ଝାପ୍‌ସା ଲାଲରଙ୍ଗ |

**(b) ଉତ୍ପାଦନ ପ୍ରକ୍ରିୟା :-**

କଲ୍‌ଟ ସହିତ କଞ୍ଚାମାଲକୁ ଉଚିତ୍ ମାତ୍ରାରେ ମିଶାଇ ଚକିରେ ପେସାଯାଏ । ଚୂର୍ଣ୍ଣକୁ ଖୋଲା ବା ବନ୍ଦ ଭାଟିରେ ସଂଗଳିତ କରାଯାଏ । MnO ପରି କିଛି ରଙ୍ଗବିନାଶକ ମିଶାଇ ଏହାକୁ ଗ୍ୟାସ ନବାହାରିବା ପର୍ଯ୍ୟନ୍ତ ଗରମ କରାଯାଏ । ଏହାପରେ ରଙ୍ଗ ପ୍ରଦାନକାରୀ ପଦାର୍ଥକୁ ମିଶାଇ ଏକ ସମାଙ୍ଗୀ ପିଣ୍ଡ ପାଇବା ପର୍ଯ୍ୟନ୍ତ ଗରମ କରାଯାଏ, ତାପରେ ଏହାକୁ ଆବଶ୍ୟକୀୟ ନମନୀୟତା ପର୍ଯ୍ୟନ୍ତ ଧିରେଧିରେ ଥଣ୍ଡା କରାଯାଏ, ଯାହାଫଳରେ ଏହାକୁ ସହଜରେ ବ୍ୟବହାର କରିହୁଏ । ଏହି ପ୍ରକାରରେ ମିଳୁଥିବା କାଚକୁ **ମାତୃକାଚ** (Mother glass) କୁହାଯାଏ ।

ଏହାପରେ ଏହାକୁ ଫୁଲାଇକରି ବା ଛାଞ୍ଚରେ ଢାଳିକରି ଆବଶ୍ୟକୀୟ ଆକାର ଦିଆଯାଏ । ପ୍ରାପ୍ତବସ୍ତୁକୁ ଧିରେ ଧିରେ ଥଣ୍ଡା କରାଯାଏ । ଏହି ପ୍ରଣାଳୀକୁ ତାପାନୁଶୀତନ (Annealing) କୁହାଯାଏ । ସଫା କରିବା, କାଟିବା, ଘଷିବା ଓ ପଲିସ କରିବା ପ୍ରଣାଳୀପରେ ଅନ୍ତିମ କାଚତିଆରି ବସ୍ତୁ ମିଳେ ।

**36.2.2. କାଚର ଗୁଣଧର୍ମ :-**

- ଏହା ଦାନାଦାର ନୁହେଁ । ଏଥିରେ ବହୁତ କମ୍ ଆଭ୍ୟନ୍ତରୀଣନିୟମିତତା ଥାଏ ।
- ଏହାର ତୀକ୍ଷ୍ଣ ଗଳନାଙ୍କ ନାହିଁ । ଗରମ କଲେ ଆସ୍ତେଆସ୍ତେ ଏହା ନରମ ହୁଏ ଓ ଅବଶେଷରେ ପ୍ରବାହିତ ହେବାକୁ ଆରମ୍ଭ କରେ ।
- ଥଣ୍ଡା କରିବା ପରେ ଏହି ଗରମ ତରଳ ପଦାର୍ଥ ଧିରେ ଧିରେ ଥଣ୍ଡାହୋଇ ବହଳିଆ ତରଳ ପଦାର୍ଥରେ ପରିଣତ ହୁଏ । ଯାହାକୁ ଇଚ୍ଛା ମୁତାବକ ବିଭିନ୍ନ ପ୍ରକାର ବସ୍ତୁରେ ପରିଣତ କରାଯାଏ ।



ଟିପ୍ପଣୀ

- ଏହା ସ୍ୱଚ୍ଛ ବା ଅସ୍ୱଚ୍ଛ ହୋଇପାରେ ।
- ଏହା ସଂପୂର୍ଣ୍ଣ ନିଷ୍କ୍ରିୟ ଓ ଏହା ହାଇଡ୍ରୋଜେନ ପେରୋକ୍ସାଇଡ୍ ଓ କେତେକ କ୍ଷାର ବ୍ୟତୀତ ଅନ୍ୟ ରାସାୟନିକ ପଦାର୍ଥ ଦ୍ୱାରା ପ୍ରଭାବିତ ହୁଏ ନାହିଁ ।
- ଏହାର ସଂକୋଚନ ବଳ ଅଧିକ ଓ ଏହାର ଗଠନରେ ଆଭ୍ୟନ୍ତରୀଣ ନିୟମିତତା ନାହିଁ ।
- ଏହା ଉତ୍ତାପ ଓ ବିଦ୍ୟୁତର କୁପରିବାହୀ ।

### 36.2.3. କାଚର ପ୍ରକାର :-

ବଜାରରେ ଅନେକ ପ୍ରକାର କାଚ ମିଳୁଛି । ଝରକା କାଚ ଠାରୁ ଆରମ୍ଭ କରି ବୁଲେଟ ନିରୋଧୀ କାଚ ପର୍ଯ୍ୟନ୍ତ ନାନା ପ୍ରକାର କାଚ ଓ ସେମାନଙ୍କର ବ୍ୟବହାର ତଳେ ଆଲୋଚନା କରାଗଲା ।

(i) **ସୋଡ଼ା କାଚ ବା ନରମ କାଚ :** ଏହା ସାଧାରଣ ବ୍ୟବହୃତ କାଚ, ଏହା ସସ୍ତା ଓ ନିମ୍ନ ମାନର କାଚ । ସମୁଦାୟ ଉତ୍ପାଦନ କରାଯାଉଥିବା କାଚର ଏହା 95% । ବାଲି (ସିଲିକା), କାଲସିୟମ କାର୍ବୋନେଟ (ଚୁନପଥର) ଓ ସୋଡ଼ାକ୍ଷାର ($Na_2CO_3$) ର ସଂଗଳନ ଦ୍ୱାରା ଏହା ତିଆରି ହୁଏ । ଏହାର ଆନୁମାନିକ ସଂଘଟନ $Na_2O$, CaO, $6SiO_2$ ଏଥିରେ 70 - 74%, $SiO_2$, 8 - 13% CaO, ଓ 13 - 18% $Na_2O$ ଥାଏ । ହାରାହାରି 2% $Al_2O_3$ ଖାଦ ଏଥିରେ ମଧ୍ୟ ରହିପାରେ । ଇଲେକ୍ଟ୍ରିକ୍ ବଲ୍‌ବ, ଝରକା କାଚ, ବୋତଲ, ଜାର ଇତ୍ୟାଦି ତିଆରିରେ ମଧ୍ୟ ଏହା ବ୍ୟବହାର ହୁଏ ।

(ii) **ସିସାକାଚ ବା ଫ୍ଲିଣ୍ଟକାଚ :** ଉଚିତ ଅନୁପାତରେ ଲିଥ୍ରେଜ୍ (PbO), ପୋଟାସିୟମ କାର୍ବୋନେଟ୍, କ୍ଷାରସୋଡ଼ା, ଚୂନପଥର ଓ ବାଲିକୁ ସଂଗଳନ କଲେ ଏହା ତିଆରି ହୁଏ । ଏହାର ଆନୁମାନିକ ସଂଘଟନ $K_2O$, PbO, $6SiO_2$ । ଏଥିରେ ହାରାହାରୀ 45% ବାଲି ଓ ବିଭିନ୍ନ ମାତ୍ରାର ଲେଡ୍ ଅକ୍‌ସାଇଡ୍, $NaO_2$, $K_2O$ ଓ CaO ଥାଏ । ଅଧିକ ସିସାଥିବା କାଚକୁ x - ray ଓ r - ray ରୁ ରକ୍ଷାପାଇବା ପାଇଁ ଢାଲ ଆକାରରେ ବ୍ୟବହାର କରାଯାଏ । ଏହାର ଉପଯୋଗ ସେହି କୋଠାଘରେ ହୁଏ ଯେଉଁଠାରେ x - ray ଓ r - ray ପ୍ରସ୍ଫୁରଣ ଯନ୍ତ୍ରପାତି ସ୍ଥାପିତ ହୋଇଥାଏ । ନାଭିକୀୟ ବିକିରଣରୁ ରକ୍ଷାପାଇବା ପାଇଁ ନାଭିକୀୟ ଯନ୍ତ୍ରପାତିରେ ଏହା ବ୍ୟବହାର କରାଯାଏ । ଏସିସବୁ ପ୍ରୟୋଗ ବ୍ୟତୀତ, ସୀସାକାଚ - ଚକ୍ଷୁ ସମ୍ବନ୍ଧୀୟ ଯନ୍ତ୍ରପାତି ଯଥା ଲେନ୍‌ସ, କ୍ରିଷ୍ଟାଲ ଜିନିଷ (ଉତ୍ତମ ଟେବୁଲ ଜିନିଷ), କୃତ୍ରିମ ବା ଶୋଭାବର୍ଦ୍ଧକ ଗହଣାରେ ନକଲି ମୂଲ୍ୟବାନ ପଥର ଆକାରରେ ଓ ବିଦ୍ୟୁତ ନିରୋଧକ ତିଆରିରେ ବ୍ୟବହୃତ ହୁଏ ।

(iii) **ଚର୍ମଳିତ କାଚ (ପାୟନ କାଚ) :** ସଠିକ୍ ଭାବରେ ଏହା କୌଣସି ପ୍ରକାର କାଚ ନୁହେଁ କିନ୍ତୁ ତାପାନୁଶୀତନ ପୂର୍ବରୁ କାଚ ପଦାର୍ଥରେ ଏକ ପ୍ରକାର ପ୍ରକ୍ରିୟା କରାଯାଏ । ଗରମ କାଚ ଦ୍ରବ୍ୟକୁ ଉତ୍ତପ୍ତ ତୈଳ ମଧ୍ୟରେ ବୁଡ଼ାଯାଏ । ଦ୍ରବ୍ୟର ବାହାର ସ୍ତର ସଂକୋଚନ ହୋଇ ଶକ୍ତ ହୋଇଯାଏ, ପରନ୍ତୁ ଭିତର ସ୍ତର ଉପରେ ଚାପ ପଡ଼େ । ଯଦି ଉପରି ଭାଗକୁ ଭଙ୍ଗାଯାଏ ଏହା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ । କାଚର ଏହି ପ୍ରକ୍ରମକୁ ପାୟନୀକରଣ କୁହାଯାଏ । ଏହି କାଚ ବହୁତ ଦୃଢ଼ ଓ ଶକ୍ତ, ତେଣୁ ଏହା ତାପଜ ଓ ଯାନ୍ତ୍ରିକ ଆଘାତକୁ ସହିପାରେ । ସ୍ୱତଃ ଚାଳିତ ଦରଜା, ବଡ଼ବଡ଼ ସୋକେସ୍ ଆଦିରେ ଏହି କାଚ ବ୍ୟବହାର ହୁଏ । ଏହି ସୁଦୃଢ଼ କାଚ କାର, ଟ୍ରକ୍ ଓ ଉଡାଜାହାଜରେ ବାୟୁ ରକ୍ଷାକର୍ତ୍ତା (Wind Shield) ରୂପେ ବ୍ୟବହାର କରାଯାଏ ।

(iv) **ସ୍ତରୀୟ ସୁରକ୍ଷା କାଚ :** ଦୁଇ ବା ତିନି ପରସ୍ତ ସମତଳ କାଚ ମଝିରେ ପଲିଭିନାଇଲ୍ ବୁଟାଇରେଟ୍ ପ୍ଲାଷ୍ଟିକ୍ ବା ଭିନାଇଲ ଏସିଟେଟ୍ ରେସିନ୍‌ର ପତଳା ସ୍ତର ଓ ଅଠା ଦେଇ ଚାପ ପ୍ରୟୋଗ କଲେ ଏହି ପ୍ରକାର କାଚ ତିଆରି ହୁଏ । ଏହି ପରସ୍ତ ଗୁଡିକ ତାପ ଓ ଚାପ ପ୍ରୟୋଗରେ ମଧ୍ୟ ବାନ୍ଧି ହୋଇ ରହିପାରନ୍ତି । ଥଣ୍ଡା କରିବା ପରେ କାଚ ଚର୍ମଳିତ (tough)



ଟିପ୍ପଣୀ

ହୋଇଯାଏ ଓ ଏହା ତାପ ଓ ଚାପର ହଠାତ୍ ପରିବର୍ତ୍ତନକୁ ସହିପାରେ । ଭାଙ୍ଗିବାପରେ କାଚ ଗୁଡ଼ିକ ଏଣେତେଣେ ବିକ୍ଷିପ୍ତ ଭାବରେ ଛିଟିକି ଯାଆନ୍ତି ନାହିଁ । ଏହି ପ୍ରକାର କାଚ ପ୍ରବେଶ ଦ୍ୱାର ଦରଜା, ଖସଡ଼ିଯିବା ଦରଜା, ଛାତର ଗବାକ୍ଷ କାଚ ପାଇଁ ଉତ୍ତମ ଅଟେ । ଏହି କାଚ ମଧ କାର ଓ ମୋଟର ଗାଡ଼ିର ପବନ ପଶିବା ପାଇଁ ଥିବା ଝରକାରେ ବ୍ୟବହୃତ ହୁଏ । ଯଦି ଅନେକ ଗୁଡ଼ିଏ କାଚ ସ୍ତର ନେଇ ପ୍ରତିପରସ୍ତ ଉପରେ ଭିନାଇଲ ରେସିନ୍ ଦେଇ ଚାପିକରି ରଖାଯାଏ, ତେବେ ଗୁଳି ରୋଧୀ କାଚ (Bullet proof) ମିଳିଥାଏ ।

**(v)** **କୁପରିବାହୀ କାଚ :** ଦୁଇଟି କାଚ ସ୍ତର ମଧରେ କୁପରିବାହୀ ପଦାର୍ଥ ଯଥା ଶୁଷ୍କ ବାୟୁ ଆବଦ୍ଧ କରି ପରିସୀମାକୁ ଗରମ କରି ବନ୍ଦ କରିଦେଲେ ଏହି କାଚ ମିଳେ । ଯେଉଁ ଅଟ୍ଟାଳିକାର ଭିତର ଭାଗକୁ ବାହାରର ପ୍ରଚଣ୍ଡ ଜଳବାୟୁରୁ ରକ୍ଷା କରିବାକୁ ପଡ଼େ ସେହି ପ୍ରକାର ଘରେ ଏହି ପ୍ରକାର କାଚ ବ୍ୟବହାର କରାଯାଏ । ଚରମ ଜଳବାୟୁ ପରିସ୍ଥିତିରେ ତିନି ସମତଳ ବିଶିଷ୍ଟ ଦୁଇ ପରସ୍ତ କୁପରିବାହୀ ପଦାର୍ଥ ଥିବା କାଚ ବ୍ୟବହାର କରାଯାଏ । ଏହି କାଚ କୋଠରୀକୁ ଗ୍ରୀଷ୍ମ ଋତୁରେ ଥଣ୍ଡାରଖେ ଓ ଶୀତ ଋତୁରେ ଗରମ ରଖେ ।

ଉପରେ ଦିଆଯାଇଥିବା କାଚ ବ୍ୟତୀତ ଅନେକ ପ୍ରକାର କାଚ ମଧ ଜଣାଅଛି ଯାହା ଟେବୁଲ ଉପର କାଚ, ରାସାୟନିକ ପଦାର୍ଥ ରଖିବା ପାତ୍ର, ଚଷମା କାଚ, ଖରାରେ ପିନ୍ଧିବା ଚଷମା, ନିଅନ୍ ଲାଇଟ୍, କାଥୋଡ୍ ଟିଉବ୍ ଓ ଅନ୍ୟ କେତେକ ପଦାର୍ଥ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ ।

**ପାଠଗତ ପ୍ରଶ୍ନ : 36.2**

1. କାଚ ଉତ୍ପାଦନରେ ବ୍ୟବହୃତ ବିଭିନ୍ନ କଞ୍ଚାମାଲର ଚିଠା ପ୍ରସ୍ତୁତ କର ।

______________________________

2. ସୋଡ଼ା କାଚର ରାସାୟନିକ ସଂଘଟନ କ'ଣ ?

______________________________

3. କାଚର ପାୟନୀ କରଣ କହିଲେ କ'ଣ ବୁଝ ?

______________________________

4. କାଚରେ ରଙ୍ଗ ପ୍ରଦାନ କରୁଥିବା ଦୁଇଟି ପଦାର୍ଥର ଉଦାହରଣ ଦିଅ ।

______________________________

## 36.3 ମୃତ୍ତିକା ଶିଳ୍ପ (ସେରାମିକସ୍) :-

ସେରାମିକ୍ ଶବ୍ଦର ଉତ୍ପତ୍ତି ପ୍ରାଚୀନ ଗ୍ରୀକ ଶବ୍ଦ "କେରାମସ୍" ରୁ ହୋଇଛି, ଯାହାର ଅର୍ଥ ଜଳା ହେବା ସାମଗ୍ରୀ । ଏହା ବିସ୍ତୃତ ଶ୍ରେଣୀୟ ରାସାୟନିକ ଅଜୈବିକ ପଦାର୍ଥକୁ ବୁଝାଏ, ଯେଉଁ ଗୁଡ଼ିକ ଉଚ୍ଚ ତାପମାନରେ ପ୍ରସ୍ତୁତ ହୁଅନ୍ତି ବା ଉଚ୍ଚତାପମାନରେ ବ୍ୟବହାର କରାଯାଏ । ସେଗୁଡିକୁ ମୁଖ୍ୟତଃ ନିମ୍ନୋକ୍ତ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି ।

- ଚିନା ମାଟିର ଉତ୍ପାଦ
- ଦୁର୍ଗଳନୀୟ (ରିଫ୍ରାକ୍ଟୋରୀ)

**ଚିନାମାଟିର ଉତ୍ପାଦ :**

ଚିନା ମାଟିର ଉତ୍ପାଦକୁ ନିମ୍ନୋକ୍ତ ଉପବିଭାଗରେ ବିଭକ୍ତ କରାଯାଇଛି ।

**(i)** ଗଠନ ମୂଳକ ମାଟିର ଉତ୍ପାଦ (Structural clay products) । ଏହାର ମୁଖ୍ୟ ସଂଘଟକ ଲୌହ ଅକ୍ସାଇଡ୍ ଓ ଏହା ଇଟା, ଟେରାକୋଟା, ନର୍ଦ୍ଦମାରେ ବ୍ୟବହୃତ ପାଇପ୍ ଓ ଟାଇଲ ପ୍ରସ୍ତୁତିରେ ବ୍ୟବହୃତ ହୁଏ ।





(ii) ଧଳା ପାତ୍ର ବା ଧଳା ବାସନ :- ଏହା ଚିନାମାଟି (କାଓଲିନ୍) ସହ କେତେକ ବିଗଳିତ ସିଲିକେଟ୍‌ର ମିଶ୍ରଣରୁ ତିଆରି ହୋଇଥାଏ । ଚିନାମାଟିର ପାତ୍ର, ପୋର୍ସେଲିନ ପଥର ପାତ୍ର ଓ କାଚ ବାସନ ଏହାର ଅନ୍ତର୍ଭୁକ୍ତ ।

(iii) ରାସାୟନିକ ପଥର ପାତ୍ର :- ଏଗୁଡ଼ିକ ଦୁର୍ଗଳନୀୟ ମାଟି, ଭଙ୍ଗା ପଥର ଓ ମୃଣ୍ମୟ ପାତ୍ରର ଗୁଣ୍ଡର ମିଶ୍ରଣରୁ ତିଆରି ହୁଏ ଓ ଏହାପରେ ଏହାକୁ ଚକମକ କରାଯାଏ । ଏଗୁଡିକ ସାଧାରଣତଃ ବହୁତ ଶକ୍ତିଶାଳୀ, କିନ୍ତୁ ସଚ୍ଛିଦ୍ର ନୁହେଁ । ଏହା ଶୌଚାଳୟରେ ଲଗାଯାଉଥିବା ଗାଧୁଆବେସିନ, ଧୋଇବା ବେସିନ୍, ସିଙ୍କ୍ ଓ ନର୍ଦ୍ଦମା ପାଇପରେ ବ୍ୟବହାର କରାଯାଏ ।

ମାଟିର ଉତ୍ପାଦ ବିଷୟରେ ସଂପୂର୍ଣ୍ଣ ଭାବରେ ଜାଣିବା ପୂର୍ବରୁ ଆମେ ମାଟି ବିଷୟରେ ଜାଣିବା ।

### 36.3.1. ମାଟି କ'ଣ ?

ଭୌଗୋଳିକ ଦୃଷ୍ଟିକୋଣରୁ ଜଳବାୟୁ ପ୍ରଭାବରେ ବହୁତ ବର୍ଷ ଧରି ପଥରର ବିଘଟନ ଦ୍ୱାରା ଯେଉଁ ପଦାର୍ଥ ମିଳେ ତାହାକୁ ମାଟି କୁହାଯାଏ । ଏଥିରେ ମୁଖ୍ୟତଃ ଆଲୁମିନିୟମ୍ ସିଲିକେଟ ସହ ଅନ୍ୟାନ୍ୟ ପଦାର୍ଥ ଯଥା :- ଅଭ୍ର (ମାଇକା), ଶିଳା ସ୍ଫଟିକ (କ୍ୱାଟଜ୍) ଓ ବାଲି ଇତ୍ୟାଦି ଥାଏ । କେତେକ ସାଧାରଣ ମାଟି ଓ ସେମାନଙ୍କର ରସାୟନିକ ସଂକେତ ଏହି ପ୍ରକାରର ।

| | | |
|---|---|---|
| (i) | ବେଡ଼େଲାଇଟ୍ | $Al_20_3$, $2SiO_2$, $H_2O$ |
| (ii) | କାଓଲିନାଇଟ୍ | $Al_2O_3$, $2SiO_2$, $2H_2O$ |
| (iii) | ହେଲୋସାଇଟ୍ | $Al_2O_3$, $2SiO_2$, $3H_2O$ |

ଏଗୁଡ଼ିକ କେବଳ ଜଳଯୋଜିତ ହୋଇଥିବା ଜଳ ଅଣୁ ଦ୍ୱାରା ପୃଥକ୍ ଅଟନ୍ତି । ମାଟିର ଗୁରୁତ୍ୱପୂର୍ଣ୍ଣ ଗୁଣଧର୍ମକୁ ନମନିୟତା (Plasticity) କୁହାଯାଏ, କାରଣ ଏହା ପାଣି ସହିତ ମିଶିଲେ ଏକ ପ୍ଲାଷ୍ଟିକ ପରି ବସ୍ତୁ ପ୍ରସ୍ତୁତ କରେ, ଯାହାକୁ ଇଚ୍ଛାନୁଯାୟୀ ବିଭିନ୍ନ ଆକାରକୁ ଢଳାଯାଇପାରେ ।

କୁମ୍ଭାରମାନେ କାଦୁଅକୁ କିପରି ବିଭିନ୍ନ ଆକାର ଦିଅନ୍ତି ତାହା ତୁମେ ଦେଖିଥିବ । ଓଦା କାଦୁଅର ପର୍ଯ୍ୟାପ୍ତ ଦୃଢ଼ତା ଥାଏ, ତେଣୁ ଏହାକୁ ବହୁତ ସମୟ ପର୍ଯ୍ୟନ୍ତ ରଖିଲେ ଏହା ବିକୃତ ହୁଏ ନାହିଁ ।

### 36.3.2. ଗଠନ ମୂଳକ ମାଟି ଉତ୍ପାଦ

ଇଟା ଓ ଟାଇଲ ପରି ଗଠନ ମୂଳକ ମାଟି ଉତ୍ପାଦ ଲୌହଅକ୍‌ସାଇଡ୍ ଓ ଅନ୍ୟାନ୍ୟ ଖାଦ ଥିବା ମାଟିରୁ ପ୍ରସ୍ତୁତ ହୁଏ ।

**(i) ଇଟା :** ଏହା ସବୁଠାରୁ ପୁରୁଣା ଓ ଅତ୍ୟଧିକ ବ୍ୟବହୃତ ହେଉଥିବା ନିର୍ମାଣ ସାମଗ୍ରୀ ଅଟେ । ଏହା ଶସ୍ତା, ନିକଟରେ ମିଳେ (ପାର୍ବତୀୟ କ୍ଷେତ୍ର ବ୍ୟତୀତ) ଓ ଶକ୍ତିଶାଳୀ ଅଟେ । ଇଟା ତିଆରି ପାଇଁ ବ୍ୟବହୃତ ମୁଖ୍ୟ କଞ୍ଚାମାଲ ମାଟି (ଆଲୁମିନା) ଓ ବାଲି (ସିଲିକା) ଅଟେ । ଏଥିରେ କିଛି ମାତ୍ରାରେ ଚୂନ (ଶକ୍ତି ଦେବାପାଇଁ ଓ ସଂକୋଚନ କମାଇବା ପାଇଁ) ଓ ଲୌହଅକ୍‌ସାଇଡ୍ (ଇଟାର ଅଣୁର ସଂଗଳନରେ ସାହାଯ୍ୟ କରେ ଓ ରଙ୍ଗ ପ୍ରଦାନ କରେ) ମଧ ମିଶାଯାଏ । ଇଟାର ଉତ୍ପାଦନ ନିମ୍ନଲିଖିତ ପ୍ରକ୍ରିୟା ଦ୍ୱାରା ହୁଏ

- ମାଟିକୁ ପାଣି ସହ ମିଶାଇ ଚକଟି ସମାଂଗୀ କାଦୁଅ ତିଆରି କରାଯାଏ ।
- ସମାଂଗୀ କାଦୁଅକୁ ଛାଞ୍ଚରେ ଢଳାଯାଏ ଓ ତାପରେ ଇଟାକୁ ଶୁଖାଯାଏ ।
- ଶୁଖିଲା ଇଟାକୁ ଭାଟିରେ ପୋଡ଼ାଯାଏ ।

ଆଜିକାଲି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ (ଥରମାଲ ପାୱାର ପ୍ଲାଣ୍ଟ) ମିଳୁଥିବା ପାଉଁଶରୁ (Fly ash) ଇଟା ତିଆରି କରାଯାଉଛି ।



ଟିପ୍ପଣୀ

**ii) ଟାଇଲ:** ଏହା ଉନ୍ନତ ଗୁଣମାନର ମାଟିରୁ (ଯେଉଁଥିରେ ସାନଗୋଡ଼ି, ବଜୁରି ଓ ଅନ୍ୟାନ୍ୟ ଖାଦ ନଥାଏ) ପ୍ରସ୍ତୁତ ହୁଏ ଓ ଏହା ଚଟାଣ, ଘରକୁ ଯିବା ରାସ୍ତା ଓ ଛାତରେ ବ୍ୟବହାର କରାଯାଏ । ଅତି ଉନ୍ନତ ପ୍ରକାର ଟାଇଲ ସ୍ୱାଜସଜ୍ଜା ପାଇଁ ବ୍ୟବହାର କରାଯାଏ । କାଚ ଓ ମୃଣ୍ମୟ ପାତ୍ରକୁ ଭଲଭାବରେ ଗୁଣ୍ଡକରି ଟାଇଲ ପ୍ରସ୍ତୁତ ସମୟରେ କାଦୁଅରେ ମିଶାଇଲେ ଏହା ଟାଇଲକୁ ଶକ୍ତି ପ୍ରଦାନ କରେ ।

### 36.3.3. ଶୁଭ୍ର ସାମଗ୍ରୀ ଓ ଶୁଭ୍ର ମୃଣ୍ମୟ ପାତ୍ର :

ଏଗୁଡ଼ିକ ମାଟିରୁ ତିଆରି ପଦାର୍ଥ ଯାହାର ରଂଗ ଧଳା ବା ଇଷତ୍ କ୍ରୀମ ରଙ୍ଗର । ଶୁଭ୍ର ସାମଗ୍ରୀ ଗୁଡ଼ିକ ଚିନାମାଟି, ଫେଲଡ୍ସ୍ପାର ($K_2O$, $Al_2O_3$, $SiO_2$) ଓ ବାଲି ବା ଫ୍ଲିଣ୍ଟ ($SiO_2$)ରୁ ତିଆରି । ଏଗୁଡ଼ିକୁ ବିଭିନ୍ନ ମାତ୍ରାରେ ବ୍ୟବହାର କରି ନାନା ପ୍ରକାର ପଦାର୍ଥ ତିଆରି କରାଯାଏ । କଞ୍ଚାମାଲରେ ଲୌହଅକ୍ସାଇଡ୍ ଆଦୌ ନଥାଏ ବା ଖୁବ୍ କମ୍ ପରିମାଣରେ ଥାଏ ।

ଶୁଭ୍ର ସାମଗ୍ରୀ ତିଆରି କରିବା ପାଇଁ ପ୍ରଥମେ କଞ୍ଚାମାଲକୁ ଭଲ ଭାବରେ ଗୁଣ୍ଡ କରାଯାଇଁ ପାଣି ସହ ମିଶାଯାଏ । ତା'ପରେ ଓଦା କାଦୁଅକୁ ଇଚ୍ଛାନୁଯାୟୀ ବିଭିନ୍ନ ଆକାର ଛାଞ୍ଚରେ ଢ଼ାଳାଯାଏ, ଶୁଖେଇବା ପରେ ଚକମକ କରାଯାଏ । ଚକ୍‌ମକ୍ କରିବା ସମୟରେ ମାଟିର ଛିଦ୍ରଗୁଡ଼ିକ ବନ୍ଦହୋଇ ଯାଆନ୍ତି ଯାହାଦ୍ୱାରା ଏହା ଜଳରୋଧୀ ହୁଏ ଓ ଚକ୍‌ମକ୍ ଦେଖାଯାଏ । ଚକ୍‌ମକ୍ କରିବା ପାଇଁ ବ୍ୟବହୃତ ଚମକଦାର ପଦାର୍ଥ ମାନଙ୍କ ମଧ୍ୟରେ ଶିଳାସ୍ଫଟିକ (guartz), ପେଲଡ୍ସ୍ପାର, ସିସା ଓ ବୋରୋସିଲିକେଟ୍ ଓ କିଛି ରଙ୍ଗ ପ୍ରଦାନକାରୀ ଉପାଦାନ ଇତ୍ୟାଦି । ଏଗୁଡ଼ିକୁ ପାଣି ସହ ମିଶାଇ ଏକ କଲୟଡ଼ୀୟ ଦ୍ରବଣ ପ୍ରସ୍ତୁତ କରାଯାଏ । ଚକ୍‌ମକ୍ କରିବା ପାଇଁ ଜିନିଷ ଗୁଡ଼ିକୁ ଚୁଲାରୁ ବାହାର କରି କଲୟଡ଼ୀୟ ଦ୍ରବଣରେ ବୁଡାଯାଏ ଓ ଅଧିକ ଉତ୍ତାପରେ ଶୁଖାଯାଏ । ଚକ୍‌ମକ୍ ପ୍ରଦାନକାରୀ ପଦାର୍ଥ ତରଳି ପାତ୍ରର ଛିଦ୍ର ପୂରଣ କରେ ଓ ପାତ୍ରର ଉପରି ଭାଗରେ ଚମକତା ପ୍ରଦାନ କରେ ।

### 36.3.4. ରାସାୟନିକ ପଥର ସାମଗ୍ରୀ :

ନାମାନୁସାରେ ରାସାୟନିକ ପଥର ସାମଗ୍ରୀ ପଥର ପରି ଖୁବ୍ ମଜଭୁତ । କଞ୍ଚାମାଲକୁ ଅଧିକ ଉଚ୍ଚତାପ ମାତ୍ରାରେ ଗରମ କରି ଏହା ମିଳିଥାଏ । ଚିନାମାଟି, କାଓଲିନ୍, ଫେଲଡ୍ସ୍ପାର ଓ ବାଲିର ମିଶ୍ରଣକୁ ଭଲ ଭାବରେ ଗୁଣ୍ଡକରି ସେଥିରୁ ସ୍ୱତନ୍ତ୍ର ପଥର ସାମଗ୍ରୀ ତିଆରି କରାଯାଏ । ଏଥିରୁ ଯେଉଁ ପ୍ଲାଷ୍ଟିକ ପରି ପଦାର୍ଥ ମିଳେ ତାହାକୁ ଛାଞ୍ଚରେ ବିଭିନ୍ନ ପ୍ରକାରରେ ଢଳାଯାଏ । ତିଆରି ହୋଇଥିବା ବିଭିନ୍ନ ଆକାରର ଦ୍ରବ୍ୟକୁ ଶୁଖାଯାଏ ଓ 1273K ରେ ଗରମ କରାଯାଏ ଓ ତାପରେ 1373K ଉତ୍ତାପରେ କଲୟଡ଼ୀୟ ଲବଣରେ ବୁଡ଼ାଯାଏ । ଲବଣରେ ବୁଡ଼ାଯାଇଥିବା ଗରମ ପାତ୍ର ଉପରେ ସୋଡିଅମ୍ କ୍ଲୋରାଇଡ୍ ଦ୍ରବଣ ଛିଞ୍ଚିଦିଆଯାଏ ଓ ଅଧିକ ତାପମାତ୍ରାରେ ଗରମ କରାଯାଏ । ସୋଡ଼ିଅମ କ୍ଲୋରାଇଡ୍ ବାଷ୍ପୀଭୂତହୋଇ ଦ୍ରବ୍ୟସହ ପ୍ରତିକ୍ରିୟା କରି ସୋଡ଼ିଅମ୍ ଆଲୁମିନିୟମ୍ ସିଲିକେଟ ପ୍ରସ୍ତୁତ କରେ । ଏହା ଅତ୍ୟନ୍ତ ଖଳନୀୟ (fusible) ହୋଇ ଥିବାରୁ ଦ୍ରବ୍ୟର ଉପରି ଭାଗରେ ଥିବା ଛିଦ୍ରଗୁଡ଼ିକୁ ପୂରଣ କରେ । ଦ୍ରବ୍ୟକୁ ଚକ୍‌ମକ୍ କରିବା ଦ୍ୱାରା ଦ୍ରବ୍ୟ ମଧ୍ୟରେ ଆଉ ତରଳ ପଦାର୍ଥ ପଶିଯାଏ ନାହିଁ ।

ରାସାୟନିକ ପଥର ସାମଗ୍ରୀର ଅବଶୋଷଣ କ୍ଷମତା କମ୍, ଉଚ୍ଚ ଘନତ୍ୱ ଓ ରାସାୟନରୋଧୀ ଅଟେ । ଶୌଚ୍ଚାଳୟରେ ବ୍ୟବହାର କରାଯାଉଥିବା ସାମଗ୍ରୀ ଯଥା ଗାଧୁଆ କୁଣ୍ଡ, ଧୋଇବା ବେସିନ୍, ସିଙ୍କ୍ ଓ ନର୍ଦ୍ଦମା ପାଇପ ଆଦି ତିଆରିରେ ପଥର ସାମଗ୍ରୀ ବ୍ୟବହାର କରାଯାଏ ।

**ପାଠଗତ ପ୍ରଶ୍ନ : 36.3**

1. ସେରାମିକ୍ କ'ଣ ?

   ______________________________

2. ମାଟି ଉତ୍ପାଦଗୁଡ଼ିକ କ'ଣ ? ଏଗୁଡ଼ିକ କିପରି ଶ୍ରେଣୀକରଣ କରାଯାଇଛି ?

   ______________________________

3. ଶୁଭ୍ର ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ଗୁଡ଼ିକ କ'ଣ ?

_______________________________________________

4. ରାସାୟନିକ ପଥର ସାମଗ୍ରୀର ବ୍ୟବହାରର ଚିଠା ପ୍ରସ୍ତୁତ କର ।

_______________________________________________

## ତୁମେ କ'ଣ ଶିଖିଲ

- ସିମେଣ୍ଟ ଏକ ଅଜୈବିକ ପଦାର୍ଥ, ଯାହା ପାଣି ସହ ମିଶିଲା ପରେ ଧିରେ ଧିରେ ଆବଦ୍ଧ ହୋଇ କଠିନ ବସ୍ତୁ ପ୍ରସ୍ତୁତ କରେ ଓ ଇଟା, ପଥର ଯୋଡାଇ ପାଇଁ ବ୍ୟବହାର ହୁଏ ।
- ବହୁତ ପ୍ରକାର ସିମେଣ୍ଟ ଅଛି । ସେମାନଙ୍କର ସଂଘଟନ, ପ୍ରସ୍ତୁତି ପ୍ରଣାଳୀ ଓ ବ୍ୟବହାର ପୃଥକ୍ । ଏହା ମଧ୍ୟରୁ ପୋର୍ଟଲାଣ୍ଡ ସିମେଣ୍ଟ ଆଜିକାଲି ଅଧିକ ମାତ୍ରାରେ ବ୍ୟବହୃତ ସିମେଣ୍ଟ ।
- ପୋର୍ଟଲାଣ୍ଡ ସିମେଣ୍ଟରେ ଅନେକ ଗୁଡ଼ିଏ ଅକ୍‌ସାଇଡ୍ ଥାଏ ଯେଉଁ ଗୁଡ଼ିକ ସଂକୁଳ ଯୌଗିକ ଆକାରରେ ଥାଆନ୍ତି ଯଥା - ଟ୍ରାଇକାଲସିୟମ ସିଲିକେଟ୍, ଡାଇକାଲସିୟମ୍ ସିଲିକେଟ୍, ଟେଟ୍ରାକାଲସିୟମ୍ ଆଲୁମିନେଟ୍, ଟ୍ରେଟାକାଲସିୟମ ଆଲୁମିନୋଫେରେଟ୍ । ଏଗୁଡ଼ିକୁ "ବୋଗୁସ୍‌ଙ୍କ ଯୌଗିକ" କୁହାଯାଏ ।
- ସିମେଣ୍ଟ ଆବଦ୍ଧିକରଣରେ ଦୁଇଟି ମୂଖ୍ୟ ପ୍ରକ୍ରିୟା ଥାଏ - ଜଳଯୋଜନ ଓ ଦାନାକରଣ । ଏହି ଦୁଇଟି ପ୍ରକ୍ରିୟାକୁ ଖୁବ୍ ଦୀର୍ଘ ସମୟ ଲାଗେ ।
- ବ୍ୟବହାର ଅନୁଯାୟୀ ସିମେଣ୍ଟକୁ ଅନ୍ୟ କେତେକ ପଦାର୍ଥ ସହ ମିଶାଯାଏ ଯଥା ବାଲି, ବଜୁରୀ, ପଥର, ଗୋଡ଼ି ଓ ଧାତୁମଳ ଇତ୍ୟାଦି । ମିଶାଇଯାଇଥିବା ପଦାର୍ଥ ଉପରେ ନିର୍ଭର କରି ଏହି ମିଶ୍ରଣକୁ ମୋରଟାର୍ (ମସଲା) ବା କଂକ୍ରିଟ୍ କୁହାଯାଏ । ଷ୍ଟିଲ ସହ ପ୍ରବଳିତ ହୋଇଥିବା କଂକ୍ରିଟ୍‌କୁ ଆର୍ : ସି : ସି (R.C.C.) କୁହାଯାଏ ।
- କାଚ ଏକ ଦୃଢ଼, ସ୍ୱଚ୍ଛ ବା ଅସ୍ୱଚ୍ଛ ଦାନାହୀନ ଅତିଶୀତଳ ଦ୍ରବ୍ୟ ଅଟେ, ଯେଉଁଥିରେ ନିୟମିତ ତ୍ରିବିମୟ ଆଭ୍ୟନ୍ତରୀଣ ସଂରଚନା ନ ଥାଏ ଓ ଏହାର ଶାନ୍ୟତା ବହୁତ ଅଧିକ ।
- କାଚର ଆନୁମାନିକ ରାସାୟନିକ ସଂକେତକୁ $xM_2^{I}O, yM^{II}O. 6SiO_2$ ଦ୍ୱାରା ନିରୂପିତ କରାଯାଏ । ଯେଉଁଠି $M^{I}$ ଓ $M^{II}$ ଯଥାକ୍ରମେ କ୍ଷାର ଧାତୁ ଓ ଦ୍ୱିସଂଯୋଜୀ ଧାତୁ ଅଟେ ।
- କାଚର ଉତ୍ପାଦନ ପାଇଁ ବ୍ୟବହୃତ କଞ୍ଚାମାଲ ଗୁଡ଼ିକ, ଯଥା ବାଲି, ଫେଲ୍‌ଡ ସ୍ପାର, କ୍ଷାରଧାତୁ, ମୃତ୍‌କ୍ଷାର ଧାତୁ, ଭାରୀ ଧାତୁର ଅକ୍‌ସାଇଡ୍‌କୁ ଉଚିତ ଅନୁପାତରେ ମିଶାଇ ଗୁଣ୍ଡ କରାଯିବା ପରେ ଭାଟିରେ ସଂଗଳିତ କରାଯାଏ ।
- ବ୍ୟବସାୟିକ କାଚ ଅତ୍ୟଧିକ ମାତ୍ରାରେ ମିଳେ । ସେଗୁଡ଼ିକ ସାଧାରଣ ଝରକା କାଚରୁ ଆରମ୍ଭ କରି ବୁଲେଟ ନିରୋଧୀ କାଚ ପର୍ଯ୍ୟନ୍ତ ବ୍ୟବହାର କରାଯାଏ ।
- ସେରାମିକ ବିସ୍ତୃତ ଶ୍ରେଣୀୟ ରାସାୟନିକ ଅଜୈବିକ ପଦାର୍ଥ, ଯାହା ଉଚ୍ଚତାପମାନ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ କରାଯାଏ ଓ ଉଚ୍ଚ ତାପମାତ୍ରାରେ ବ୍ୟବହାର କରାଯାଏ । ଏହାକୁ ମାଟିର ଉତ୍ପାଦ ଓ ଦୁର୍ଗଳନୀୟ ଶ୍ରେଣୀରେ ବିଭକ୍ତ କରାଯାଇଛି ।
- ମାଟିରେ ନାନାପ୍ରକାର ଆଲୁମିନୋ ସିଲିକେଟ୍‌ର ମିଶ୍ରଣ ଥାଏ, ଯେଉଁଥିରେ ସ୍ଫଟିକ ଜଳର ସଂଖ୍ୟା ଅଲଗା ଅଲଗା ଥାଏ ।
- ମାଟିର ଉତ୍ପାଦକୁ ଗଠନମୂଳକ ବିନା ମାଟିର ଉତ୍ପାଦ, ଯଥା - ଇଟା ଓ ଟାଇଲ, ଶୁଭ୍ରସାମଗ୍ରୀ ଓ ପଥର ସାମଗ୍ରୀ ଆକାରରେ ଶ୍ରେଣୀକରଣ କରାଯାଇଛି ।



ଟିପ୍ପଣୀ

## ପାଠ୍ୟାନ୍ତ ପ୍ରଶ୍ନ :-

1. ନିମ୍ନଲିଖିତ ମାନଙ୍କୁ ମିଳାଅ ।

| | | |
|---|---|---|
| i) | ସିମେଣ୍ଟ ଓ ଜଳକୁ ମିଶାଇବା ଦ୍ୱାରା ମିଳେ | ..... ଦାନାଧାରଣ |
| ii) | ସିମେଣ୍ଟ କଠୋର ହେବାର ଦ୍ୱିତୀୟ ଅବସ୍ଥା | ..... ସୋରେଲ ସିମେଣ୍ଟ |
| iii) | ଭଲ ରସାୟନରୋଧୀ ସିମେଣ୍ଟ | ..... ମସଲା (ମୋର୍ଟାର୍) |
| iv) | ମାର୍ବଲ ମରାମତିରେ ବ୍ୟବହୃତ ସିମେଣ୍ଟ | ..... ଉଚ୍ଚ ଆଲୁମିନା ସିମେଣ୍ଟ |
| v) | ଦାନ୍ତର ଗର୍ତ୍ତ ପୂରଣ ପାଇଁ ବ୍ୟବହୃତ ସିମେଣ୍ଟ | ..... ଧଳା ସିମେଣ୍ଟ |

2. ସିମେଣ୍ଟ ଉତ୍ପାଦନ ପ୍ରଣାଳୀ ବର୍ଣ୍ଣନା କର ।
3. "ବୋଗୁସ୍‌ଙ୍କ ଯୌଗିକ" କ'ଣ ଓ ସେମାନଙ୍କର ଗୁରୁତ୍ୱ କ'ଣ ?
4. ସିମେଣ୍ଟର ବିଭିନ୍ନ ପ୍ରୟୋଗ ଲେଖ ।
5. ଧଳା ସିମେଣ୍ଟର ସଂଘଟନ କ'ଣ ? ଏହାର କେତେକ ପ୍ରୟୋଗ ଲେଖ ।
6. ନିମ୍ନଲିଖିତ ମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଅ ।
   - i) ମସଲା (ମୋରଟାର୍) ଓ କଂକ୍ରିଟ
   - ii) କଂକ୍ରିଟ ଓ ଆର.ସି.ସି.
7. କାଚ ଉତ୍ପାଦନ ପ୍ରଣାଳୀ ବର୍ଣ୍ଣନା କର ।
8. ଇଟା ତିଆରିରେ ବ୍ୟବହୃତ ହେଉଥିବା ବିଭିନ୍ନ କଞ୍ଚାମାଲର ତାଲିକା ପ୍ରସ୍ତୁତ କର ଓ ସେମାନଙ୍କର ଭୂମିକା ଦର୍ଶାଅ ।
9. "ଚକ୍‌ମକ୍ କରିବା" କହିଲେ କ'ଣ ବୁଝ ? କେତେକ ଚିନାମାଟିର ଉତ୍ପାଦ କାହିଁକି ଚକ୍‌ମକ୍ କରେ ।

## ପାଠଗତ ପ୍ରଶ୍ନର ଉତ୍ତର

**36.1.**

1. ପୋର୍ଟଲାଣ୍ଡ ସିମେଣ୍ଟ ସବୁଠାରୁ ଅଧିକ ମାତ୍ରାରେ ବ୍ୟବହୃତ ହେଉଥିବା ସିମେଣ୍ଟ । ଏଥିରେ ଅନେକ ପ୍ରକାର ସିଲିକେଟ ଥାଏ, ଯଥା - ଆଲୁମିନୋ କାଲସିୟମ ସିଲିକେଟ୍ ।
2. ଚୁନପଥର ଓ ଚକ୍ ପରି କେଲ୍‌ସିମୀୟ ପଦାର୍ଥ (କାଲକାରିଅସ୍ ପଦାର୍ଥ) ଓ ମାଟି, ଶାମୁକା ବା ସ୍ଲେଟ ପରି ମୃଣୟ ପଦାର୍ଥ ଆଦି ସିମେଣ୍ଟର ମୁଖ୍ୟ ଉପାଦାନ । ଏହା ସହିତ କୋଇଲା ଗୁଣ୍ଡ ବା ଇନ୍ଧନ ତୈଳ ଓ ଜିପସମ୍ ($CaSO_4$, $2H_2O$) ମଧ ବ୍ୟବହୃତ ହୋଇଥାଏ ।
3. ସିମେଣ୍ଟ ଆବଦ୍ଧିକରଣରେ ମୁଖ୍ୟତଃ ଦୁଇଟି ପ୍ରଣାଳୀ ଅଛି ଯଥା ଜଳଯୋଜନ ଓ ଦାନାଧାରଣ । ଏହି ପ୍ରକ୍ରିୟାକୁ ବହୁତ ସମୟ ଲାଗେ । ଜଳ ଓ ସିମେଣ୍ଟକୁ ମିଶାଇଲେ, ସିମେଣ୍ଟର ଉପାଦାନ ଗୁଡ଼ିକ ଜଳ ଯୋଜିତ ହୋଇ ଜେଲ୍ ଓ ଦାନା ପରି ଉତ୍ପାଦ ପ୍ରସ୍ତୁତ କରେ । ଏହାଦ୍ୱାରା ପେଷ୍ଟ ଶକ୍ତ ହୁଏ ଓ ଏହାକୁ ସିମେଣ୍ଟ ଆବଦ୍ଧିକରଣ କୁହାଯାଏ ।
4. ବିଶେଷ ଗୁଣଧର୍ମ ଥିବା ବହୁତ ପ୍ରକାର ସିମେଣ୍ଟ ଅଛି । କେତେକ ସ୍ୱତନ୍ତ୍ର ସିମେଣ୍ଟ ହେଲା - ଉଚ୍ଚଆଲୁମିନା ସିମେଣ୍ଟ, ଧଳା ପୋର୍ଟଲାଣ୍ଡ ଓ ଜଳରୋଧୀ ସିମେଣ୍ଟ ।



ଟିପ୍ପଣୀ

**36.2.**

1. ବାଲି, କ୍ଷାର ଧାତୁ ଯୌଗିକ, ମୃତ୍ତିକ୍ଷାର ଧାତୁ ଯୌଗିକ, ଭାରୀଧାତୁ ଅକ୍ସାଇଡ୍ ବୋରାକ୍ସ ଓ ଭଙ୍ଗାକାଚ
2. ଭାଗ 36.2.3 ଦେଖ
3. ଭାଗ 36.2.3 ଦେଖ
4. ଲୌହ ଅକ୍ସାଇଡ୍ ଓ କୋବାଲଟ୍ ଅକ୍ସାଇଡ୍

**36.3.**

1. ଭାଗ 36.3 ଦେଖ ।
2. ଭାଗ 36.3.1 ଦେଖ
3. ଚିନାମାଟି, ଫେଲଡ୍ସ୍ପାର ଓ ବାଲି ।
4. ଗାଧୁଆ କୁଣ୍ଡ, ଧୋଇବା ବେସିନ୍, ସିଙ୍କ୍ ଓ ନର୍ଦ୍ଦମାର ପାଇପ୍ ।